
ଓଡିଶାର ପ୍ରଥମ ଏବଂ ଏକମାତ୍ର ସମ୍ପୂର୍ଣ୍ଣ ଓଡିଆରେ ପ୍ରକାଶିତ ମାସିକ ସାହିତ୍ୟ ଇ-ପତ୍ରିକା
ଆହ୍ୱାନ
ମଇ, ୨୦୧୨
ରାମାୟଣ ମହିମା
ଗଛଟିଏ ଉପହାର ଦିଅ
ଏ ଫଗୁ କି ରଂଗ ଦେଲା

http://www.appsgeyser.com/4368717

# ଆହ୍ୱାନ

ଓଡ଼ିଶାର ପ୍ରଥମ ଏବଂ ଏକମାତ୍ର ମାସିକ ସାହିତ୍ୟ ଇ-ପତ୍ରିକା

ପ୍ରତିଷ୍ଠାତା - ସମ୍ପାଦକ

## ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ଏମ୍.ବି.ବି.ଏସ୍., ପି.ଜି.ଡ଼ି.ଏମ୍.ସି.ଏଚ୍., ପି.ଜି.ଡ଼ି.ଏଚ୍.ଏମ୍.

ବୀମା ନଗର, ଦ୍ୱିତୀୟ ଗଳି, ବ୍ରହ୍ମପୁର, ୭୬୦୦୧୦, ଓଡ଼ିଶା
ଦୂରଭାଷ - ୯୦୪୦୯୮୫୪୬୩, ଇମେଲ୍ - aahwaan@gmail.com

http://www.appsgeyser.com/4368717

'ଆହ୍ୱାନ'ରେ ପୂର୍ଣ୍ଣତଃ ମୌଳିକ, ଅପ୍ରକାଶିତ ଲେଖା ଗୁଡ଼ିକୁ ହିଁ ଲେଖାର ମାନ ଏବଂ ଭାଷା ତଥା ଉପାଦେୟତା ଆଧାରରେ ଚୟନ କରାଯାଇଥାଏ । କୌଣସି ବେନାମୀ ଲେଖା ଉପରେ ଆମର କୌଣସି କର୍ତ୍ତବ୍ୟ / ଦାୟିତ୍ୱ ରହିବ ନାହିଁ, ଯେତେବେଳ ଯାଏଁ କୌଣସି ସୂଚନା ବା ନିର୍ଦ୍ଦେଶ ଦିଆଯାଇନାହିଁ । ଲେଖାରେ ଦିଆଯାଇଥିବା ବିଚାର ଲେଖକଙ୍କର ସମ୍ପୂର୍ଣ୍ଣ ନିଜସ୍ୱ, ତାହା ଉପରେ ସମ୍ପାଦକ କିମ୍ବା ପ୍ରକାଶକଙ୍କ ସହମତି ରହିବ ବୋଲି କୌଣସି ଲିଖିତ ନିୟମ ନାହିଁ । ଯଦିଓ ସମ୍ପାଦକ ସବୁ ଲେଖାକୁ ଭଲ ଭାବରେ ପଢ଼ନ୍ତି ଏବଂ ବୁଝିବା ପରେ ହିଁ ପ୍ରକାଶିତ କରିଥାନ୍ତି । ତଥାପି ଲେଖାର ଶତପ୍ରତିଶତ ସତ୍ୟତାର ଦାବୀ କେବଳ ଲେଖକଙ୍କର । କୌଣସି ଲେଖାକୁ ନେଇ ଉଠିଥିବା ବିବାଦର ଉତ୍ତରଦାୟିତ୍ୱ କେବଳ ଲେଖାର ମୂଳ ଲେଖକଙ୍କର, ଏଥିରେ ସମ୍ପାଦକ କିମ୍ବା ପତ୍ରିକାର କୌଣସି ଉତ୍ତରଦାୟିତ୍ୱ ରହିବ ନାହିଁ ।

ଏହି ପତ୍ରିକାର କୌଣସି ଅଂଶ ବା ଲେଖା ସମ୍ପାଦକଙ୍କ ଲିଖିତ ଅନୁମତି ବିନା ଅନ୍ୟ କୌଣସି ମାଧ୍ୟମ (ପତ୍ର ପତ୍ରିକା / ଗଣମାଧ୍ୟମ / ସମ୍ବାଦପତ୍ର ଇତ୍ୟାଦି)ରେ ପ୍ରକାଶିତ କରିବା ଏକ ଅପରାଧ । ଦୟାକରି ଏହି ବିଷୟ ପ୍ରତି ବିଶେଷଧ୍ୟାନ ଦେବେ । ଲେଖକମାନେ ଚାହିଁଲେ ନିଜ ଲେଖାର ପ୍ରସାର ଓ ପ୍ରଚାର ହେତୁ ସେମାନଙ୍କ ଲେଖା ପ୍ରକାଶିତ ହୋଇଥିବା ପୃଷ୍ଠାମାନଙ୍କର ପ୍ରତିଛବି ଗଣମାଧ୍ୟମ ବା ଇଣ୍ଟରନେଟରେ ଦେଇପାରିବେ । ଏଠାରେ ଆମେ ଅନୁରୋଧ କରିବୁ ଯେ ଯେବେ ମଧ୍ୟ ଆପଣ ପତ୍ରିକାର କୌଣସି ଅଂଶ ଇଣ୍ଟରେନେଟ / ଫେସବୁକ / ଟ୍ୱିଟରରେ ପ୍ରସାର କରୁଛନ୍ତି, ଦୟାକରି ଆମ ପତ୍ରିକାର ୱେବ୍‌ସାଇଟର ନାଁ (www.aahwaan.com) ଉଲ୍ଲେଖ କରିବାକୁ ଭୁଲିବେ ନାହିଁ ।

ଆହ୍ୱାନ ଇ-ପତ୍ରିକାର ଆଣ୍ଡ୍ରଏଡ୍ ମୋବାଇଲ୍ ଆପ୍ ଡାଉନଲୋଡ଼ କରନ୍ତୁ ।

ନିମ୍ନରେ ଦିଆଯାଇଥିବା ଲିଙ୍କ ଉପରେ କ୍ଲିକ୍ କରନ୍ତୁ, କିମ୍ବା ଉପରେ ଦିଆଯାଇଥିବା କ୍ୟୁଆର୍ କୋଡ୍‌କୁ ସ୍କାନ କରନ୍ତୁ ।

ଧନ୍ୟବାଦ

**http://www.appsgeyser.com/4368717**

# ସୂଚୀପତ୍ର

ସମ୍ପାଦକଙ୍କ ଲେଖନୀରୁ ୮

ସ୍ୱାଗତଂ ଉତ୍କଳୀୟ ନବବର୍ଷ ୧୦

ପ୍ରବୋଧ ଚନ୍ଦ୍ର ମୁଦ୍ରା

ଜୋମ୍ବି ତୋମ୍ବି ଭୁତୁଣୀ ୧୨

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ମୁଠାଏ ଅନ୍ନ ୧୩

ସୁସ୍ମିତା ମହାପାତ୍ର

ଖଟି ଓ କଟି ୧୫

ଦ୍ୱିତୀ ଚନ୍ଦ୍ର ସାହୁ

ଏ ଫଗୁ କି ରଙ୍ଗ ଦେଲା ୧୭

ଅନିଲ୍ କୁମାର ବୋଇତି

ମାଟି ମାଆ ୨୫

ସୁକାନ୍ତ ନାୟକ

ଉତ୍କଳର ଗାଥାଗୀତି ୨୬

ଡା ସନ୍ଧ୍ୟାରାଣୀ ପାଣିଗ୍ରାହୀ

ଚୁଡ଼ା ୨୮

ସୁବଳ ମହାପାତ୍ର

ମୁଠାଏ ମୂର୍ଚ୍ଛନା ୩୦

ଶମ୍ଭୁନାଥ ଦାସ

କେବେ ତୁ ଆସିବୁ ୩୧

ସୁମିତ୍ରା ରାଉଳ

ସମ୍ପର୍କର ଖିଅ ୩୨

ଦେବସ୍ମିତା ବେହେରା

ମହାଗାଥା : ରାମାୟଣ ୩୪

ଅଧ୍ୟାପକ ସୁଶାନ୍ତ ପୁରୋହିତ

ସ୍ୱପ୍ନ ୪୦

ଆଶୁତୋଷ ମେହେର

ପ୍ରେମ ନୁହେଁ ଅପରାଧ ୪୧

ବିନୟ ମହାପାତ୍ର

ଏଇଠୁ ସକାଳ ୪୩

ଦିଲିପ୍ କୁମାର ତ୍ରିପାଠୀ

କଳାଜାଇ ୪୫

ପ୍ରଶାନ୍ତ କୁମାର ନାଥ

ମୋ ପ୍ରେମିକା, ଅମଲା ଓ ନେତା ୪୬

ଇଂ ଶାରଦା ପ୍ରସାଦ ପରିଡ଼ା

ଉଧାର ୪୮

ଦିଲିପ୍ କୁମାର ପରିଡ଼ା

ଆତ୍ମହତ୍ୟା ୫୦

ହିମାଂଶୁ ଶେଖର ବାରିକ

ମା- ବାପା ୫୨

ପ୍ରଶାନ୍ତ କୁମାର ନାଥ

ଦୁଇଟି ଅଣୁଗଳ୍ପ ୫୩

ଦୀପକ୍ ଷଡ଼ଙ୍ଗୀ

ହୋଲି ୫୪

ସନାତନ ମହାକୁଡ଼

ମନେ ପଡୁଥିବ ୫୫

ଶ୍ରୀ ନୃସିଂହ ଚରଣ ବେହେରା

ଜନ୍ମଭୂମି ୫୭

ବରୁଣ କୁମାର ଦାସ

ବୃକ୍ଷଟିଏ ଉପହାର ଦିଅ ୫୮

ଶ୍ରୀ ଲିଙ୍ଗରାଜ ପ୍ରସାଦ ଅମୂଲ୍ୟ ପଟ୍ଟନାୟକ

ମା' ମଙ୍ଗଳା ୬୦

ଅନାମ ଚରଣ ସାହୁ

ନାରୀ ନିର୍ଯ୍ୟାତନାର ବିଭିନ୍ନ ଦିଗ ୬୩

ବାଲ୍ମୀକି ନାୟକ

http://www.appsgeyser.com/4368717

ଓଡ଼ିଆଗୁରୁ ଓଡ଼ିଆ ବ୍ଲଗ୍ ଆଣ୍ଡ୍ରଏଡ୍ ମୋବାଇଲ୍ ଆପ୍ ଡାଉନଲୋଡ଼ କରନ୍ତୁ ।

ନିମ୍ନରେ ଦିଆଯାଇଥିବା ଲିଙ୍କ ଉପରେ କ୍ଲିକ୍ କରନ୍ତୁ, କିମ୍ବା ଉପରେ ଦିଆଯାଇଥିବା କ୍ୟୁଆର୍ କୋଡ୍‌କୁ ସ୍କାନ କରନ୍ତୁ ।

ଧନ୍ୟବାଦ

**http://www.appsgeyser.com/4251312**

http://www.appsgeyser.com/4368717

# ସମ୍ପାଦକଙ୍କ ଲେଖନୀରୁ



ରାଜା, ରାଜ୍ୟ ଓ ରାଜନୀତି ହିଁ ସବୁକିଛି । ଏହାକୁ ସିଦ୍ଧ କରୁଛି ବର୍ତ୍ତମାନର ସମୟ । ଦେଶ ପାଇଁ ଚିନ୍ତା କରୁଛନ୍ତି କି ନା ସେ ବିଷୟରେ ତ କହି ହେବନି, କିନ୍ତୁ ହିଁ ନିଜ ନିଜ ଦଳର ଆଧିପତ୍ୟ ଦେଖାଇବା ପାଇଁ ସବୁପ୍ରକାରର ଚେଷ୍ଟା କରୁଛନ୍ତି ନିଶ୍ଚୟ । ଭାରତୀୟ ଗଣତନ୍ତ୍ରରେ ଅତ୍ୟନ୍ତ ପରିବର୍ତ୍ତନଶୀଳ ପରିସ୍ଥିତିକୁ ଆଖି ଆଗରେ ରଖି ଭବିଷ୍ୟତ ପନ୍ଥା ନିର୍ଦ୍ଧାରଣ କରିବାପାଇଁ ଅନେକ ରାଜନୈତିକ ଦଳ ପରସ୍ପରର ଦୋଷତ୍ରୁଟିକୁ ଅଣଦେଖା କରି ଏକତ୍ରିତ ହେବାର ଦେଖାଯାଉଛି । ବିଗତ ଦିନରେ ଓଡ଼ିଶାରେ ଭାରତୀୟ ଜନତା ପାର୍ଟି ଦ୍ୱାରା ଆୟୋଜିତ ବିଶାଳ ସମାବେଶ ଓ ଜାତୀୟ ଅଧିବେଶନରେ ଦଳର ଅନେକ ପ୍ରମୁଖ ନେତା ଓ କର୍ମୀବୃନ୍ଦ ଓଡ଼ିଶାରେ ଉପସ୍ଥିତ ରହି ଅନ୍ତତଃ ଏତିକି ଜଣାଇ ଦେଲେ ଯେ ଆମେ ଓଡ଼ିଶାଠାରୁ ଦୂରରେ ନୋହୁଁ । ଅର୍ଥାତ ୨୦୧୯ରେ ଛବି ସ୍ପଷ୍ଟ ହୋଇଯିବ ଯେ ଓଡ଼ିଶାର ରାଜନୀତିରେ ଏକ ବିଶାଳ ପରିବର୍ତ୍ତନ ଅବଶ୍ୟମ୍ଭାବୀ ହୋଇଯାଇଛି । ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କୁ ଓଡ଼ିଶାର ଜନତାଙ୍କ ଦ୍ୱାରା ଉଚ୍ଛ୍ୱସିତ ସମ୍ବର୍ଦ୍ଧନା, ବିଭିନ୍ନ ନେତୃବୃନ୍ଦଙ୍କ ଓଡ଼ିଶାର ଭିନ୍ନ ଭିନ୍ନ ପ୍ରାନ୍ତରେ ଉପସ୍ଥିତ ରହି ଜନତାଙ୍କ ଦୁଃଖ ବୁଝିବା ଆଦି ଦ୍ୱାରା ଭାଜପା ଓଡ଼ିଶା ପାଇଁ ଦରଦୀ ବୋଲି ପ୍ରମାଣିତ କରିଦେଉଛି ।

ବିଗତ ଦିନରେ ଉତ୍ତର ପ୍ରଦେଶର ନିର୍ବାଚନରେ ଭାଜପାର ସଂଖ୍ୟା ଗରିଷ୍ଠତା ଓ ଏହାପରେ ପରେ ସେଠାରେ ଯୋଗୀ ଆଦିତ୍ୟନାଥଙ୍କୁ ମୁଖ୍ୟମନ୍ତ୍ରୀ ଭାବରେ ନିର୍ବାଚିତ କରିବା ଦ୍ୱାରା ସମଗ୍ର ଦେଶରେ ହିନ୍ଦୁତ୍ୱର ଏକ ଲହରୀ ଆସୁଛି ବୋଲି କେହି କେହି ସମାଲୋଚନା ମଧ୍ୟ କରିଛନ୍ତି । ଦେଶକୁ ଏକଛତ୍ରବାଦ ଆଡ଼କୁ ଟାଣି ନେଉଛନ୍ତି ବୋଲି ମଧ୍ୟ କେହି କେହି କହୁଛନ୍ତି । ଧର୍ମନିରପେକ୍ଷ ଦେଶରେ କେବଳ ହିନ୍ଦୁମାନଙ୍କୁ ହିଁ ପ୍ରାଥମିକତା ଦିଆଯାଇଛି ବୋଲି କିଛି ଗଣମାଧ୍ୟମ ଆକ୍ଷେପ କରିଛନ୍ତି । ସେ ଯା'ହେଉ, ଦେଶରେ ଯେ ସ୍ୱାଧୀନତା ପରେ ଛଅ ଦଶନ୍ଧୀ ପରେ କିଛି ପରିବର୍ତ୍ତନ ଆସିଛି ନିଶ୍ଚୟ । ଉତ୍ତରପ୍ରଦେଶର ମୁଖ୍ୟମନ୍ତ୍ରୀ ଶ୍ରୀ ଆଦିତ୍ୟନାଥ ଏବଂ ତାଙ୍କର ମନ୍ତ୍ରୀମଣ୍ଡଳର ସଦସ୍ୟମାନେ ବର୍ତ୍ତମାନ ସମଗ୍ର ରାଜ୍ୟର ପ୍ରମୁଖ ସରକାରୀ

ସଂସ୍ଥାମାନଙ୍କର ପରିଦର୍ଶନରେ ଯାଇ ଉନ୍ନତି ପାଇଁ ଯଥେଷ୍ଟ ଆଗ୍ରହ ଦେଖାଉଛନ୍ତି, ଏହା ନିଶ୍ଚୟ ଭାବରେ ଖୁସିର ବିଷୟ ।

ଗ୍ରୀଷ୍ମର ନିଦାଘ ନିଷ୍ଠୁର ହେଲାଣି, ଗରମ ପବନ ଦେହ ଜାଳିଲାଣି । କବିର ହୃଦୟ ତରଳି ତରଳି, ଅନେକ କବିତା ସୃଷ୍ଟି କରିଲାଣି । ସମୟ ଆସିଛି, ବିଶ୍ରାମ ନେବାର, ଗ୍ରୀଷ୍ମ ଅବକାଶେ ଭ୍ରମଣେ ଯିବାର । ସାହିତ୍ୟପ୍ରେମୀଏ ସଭାସମିତିରେ ସଜ କବିତାର ସ୍ରୋତ ବହିଲାଣି । ଉତ୍କଳୀୟ ନବବର୍ଷର ଉଲ୍ଲାସ, ପଣା ସଂକ୍ରାନ୍ତିର ସୁଷମ ପରଶ । ଆହ୍ୱାନ ପତ୍ରିକା ପୁଣି ଆସିଅଛି, ନେଇ ସବୁ ମନ ଉତ୍ସାହ ହରସ ।

ବିଗତ ମାସରେ ଅନିବାର୍ଯ୍ୟ କାରଣ ହେତୁ ଆହ୍ୱାନ ଇ-ପତ୍ରିକାର ସଂସ୍କରଣ ପ୍ରକାଶିତ ହୋଇପାରିନଥିଲା । ସେଥିପାଇଁ ମୁଁ ଦୁଃଖିତ । ଆଶା କରୁଛି ଚଳିତ ସଂସ୍କରଣ ଆପଣମାନଙ୍କୁ ଭଲ ଲାଗିବ ।

ଧନ୍ୟବାଦ

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

http://www.appsgeyser.com/4368717

# ସ୍ୱାଗତଂ ନବବର୍ଷ



ପ୍ରବୋଧ ଚନ୍ଦ୍ର ମୁଦ୍ରା

ସୁସ୍ୱାଗତଂ ଉତ୍କଳୀୟ ନବବର୍ଷମ୍

ଐତିହ୍ୟ ସମ୍ପନ୍ନା, ସଂସ୍କୃତି ନିପୁଣା ଏହି ମୋ ଉତ୍କଳ ମାତା । ।
ଭାରତ କାସାରେ ରାଜୀବ ସଦୃଶ ହୋଇଅଛି ବିକଶିତା । ।
ପୂତ ମହୋଦଧି ଶରୀର ବିଧୌତ କରେ ଏହି ମାତୃକାର ।
ପ୍ରକୃତିସମ୍ଭାର, ଐଶ୍ୱର୍ଯ୍ୟ ଆକର, ବିଶ୍ୱମୋହିନୀ ଧରାର । ।
କଳା-ସଂସ୍କୃତିର ଅଟେ ମହାର୍ଣ୍ଣବ ସକଳ ଜ୍ଞାନର ଉତ୍ସ ।
ନୀଳାଚଳଧାମ ଏ ପବିତ୍ର ମାଟିକୁ କରିଛି ବିଶ୍ୱବିଖ୍ୟାତ । ।
ଷଡଋତୁ କ୍ରମେ ଦ୍ୱାଦଶମାସରେ ହୁଅଇ ବିବିଧ ପର୍ବ ।
ଗଣପର୍ବ ସହ ଶାସ୍ତ୍ରୀୟ ପରବ ପାଳିତ ଯଥା ସମ୍ଭବ । ।
ଚିତ୍ରା ନକ୍ଷତ୍ରରେ ମେଷ ରାଶିଯୁକ୍ତ ଚୈତ୍ର ଯେ ଆଦ୍ୟମାସ ।
ଉତ୍କଳୀୟ ହିନ୍ଦୁ ମହାଆନନ୍ଦରେ ପାଳନ୍ତି ବର୍ଷ ବିଶେଷ । ।
ମୃଦୁସମୀରଣ ,କୋମଳକିରଣ ଧରାରେ ଯାଏ ପ୍ରସରି ।
ରାଧାକୃଷ୍ଣଙ୍କର ଦୋଳୋତ୍ସବ ସହ ସମ୍ପନ୍ନ ହୋଇଛି ହୋଲି । ।
ଚଇତ୍ରରେ ଦଣ୍ଡ, ଅଶୋକା ଅଷ୍ଟମୀ, ଶ୍ରୀରାମ ନବମୀ ପର୍ବ ।
ମହାବୀର ହନୁମାନଙ୍କ ଜୟନ୍ତୀ ପାଳିତ ହୁଏ ସରବ । ।
ଅଶୋକାଷ୍ଟମୀରେ ଅଶୋକ କଳିକା କରିଥାନ୍ତି ଯେ ସେବନ ।
ଦୁଃଖ-ଶୋକ-ମନସ୍ତାପ ଓ ଯନ୍ତ୍ରଣା ହୋଇଥାଏ ଉପଶମ । ।
ଏକାଦଶ ରୁଦ୍ର ଅବତାର ରୂପେ ମହାବୀର ଆଞ୍ଜନେୟ ।
ସଭକ୍ତିରେ ତାଙ୍କୁ ଉପାସନା କଲେ ବର ମିଳଇ ଅଭୟ । ।
ପ୍ରଭୁ ଶ୍ରୀରାମ ଓ ଭକ୍ତ ମାରୁତିଙ୍କ ଜୟନ୍ତୀ ହୁଏ ପାଳନ ।
ଶ୍ରଦ୍ଧା ଓ ନିଷ୍ଠାରେ,ଭକ୍ତି ମାନସରେ କରନ୍ତି ପୂଜା ବନ୍ଦନ । ।
ଉତ୍କଳୀୟ ନବ ବରଷ ରୂପରେ ମହାବିଷୁବ ସଙ୍କ୍ରାନ୍ତି ।
ମହା ଉଲ୍ଲାସରେ କରନ୍ତି ପାଳନ ହୋଇଣ ପୂର୍ବ ପ୍ରସ୍ତୁତି । ।

http://www.appsgeyser.com/4368717

ପଲ୍ଲୀଠୁ ସହର ଉତ୍ସବ ମୁଖର ସର୍ବତ୍ର ଖୁସି ଆସର ।
ପର ଆପଣାର ଭେଦାଭେଦ ଭୁଲି ହୋଇଥାନ୍ତି ଏକାକାର ।।
ଯାନୀ-ଯାତ୍ରା-ପର୍ବ ନୁହଇ କେବଳ ମଜା-ମସ୍ତିର ଆସର ।
ସ୍ନେହ-ସଦ୍ଭାବନରେ ଭ୍ରାତୃତ୍ୱ ବନ୍ଧନେ ସର୍ବେ ହୁଅନ୍ତି ନିଜର ।।
ଶତ୍ରୁତା ଭାବନା କରି ପରିହାର ବିଦ୍ୱେଷ ଭାବକୁ ତ୍ୟଜି ।
ଶୁଭ ନବ ବର୍ଷେ ଶାଶ୍ୱତ ପ୍ରେମରେ ଆନନ୍ଦେ ରହିବା ମଜ୍ଜି ।।
ଧର୍ମ-ସମ୍ପ୍ରଦାୟ-ଜାତି ଭେଦ ଭୁଲି ଭାଇଚାରା ଭାବ ନେଇ ।
କପଟ ଛଳନା ଦୂରକରି ଆମେ ସଭିଙ୍କୁ ଦେବା ବଧାଇ ।।
ଭିନ୍ନତା ମଧ୍ୟରେ ଏକତାର ମନ୍ତ୍ର ସ୍ୱତନ୍ତ୍ରତା ଏ ମାଟିର ।
ଏହି ଭାବନାକୁ କରିଣ ପାଥେୟ ସର୍ବେ ହୁଅନ୍ତୁ ଉଦାର ।।
ପ୍ରାଚ୍ୟସଭ୍ୟତା ଓ ସଂସ୍କୃତିରେ ଥାଏ ସାଧୁତା-ନୀତି-ଆଦର୍ଶ ।
ପାର୍ଥିବ ସୁଖରେ ହେଲେ ମଦମତ୍ତ ପଶ୍ଚାତ୍ୟେ ମିଳଇ କ୍ଲେଶ ।।
ମଧୁ ପ୍ରପାନକେ ମଧୁର ସମ୍ପର୍କ ହେଉ ସଦା ଉଜ୍ଜୀବିତ ।
ଉତ୍କଳୀୟ ନବ ବର୍ଷରେ ସରବେ ହୁଅନ୍ତୁ ବିଶେଷ ମୋଦ ।।
ସଦା ମୈତ୍ରୀଭାବ ହେଉ ବିରାଜିତ ସୁଖ-ଶାନ୍ତି-ନିରାମୟ ।
ଉତ୍କଳୀୟ ଶୁଭ ନବୀନ ବର୍ଷରେ ବିଶ୍ୱ ହେଉ ମଧୁମୟ ।।

ରଚୟିତା-ପ୍ରବୋଧ ଚନ୍ଦ୍ର ମୁଦ୍ରା
ଗ୍ରା/ପୋ-ସାଙ୍କୁଡା,ଗଞ୍ଜାମ,
ଭ୍ରାମ୍ୟଭାଷ-୭୮୯୪୯୧୬୧୩୧

# ଜୋମ୍ବି ତୋମ୍ବି ଭୁତୁଣୀ



ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

- ଶୁଣୁଛ ?

- ହଁ, କୁହ । ରୋଷେଇଘରେ ଥାଇ ଚିରାଚରିତ ଢଙ୍ଗରେ ଶ୍ରୀମତି ଦାସ ଉତ୍ତରଦେଲେ ।

- ଏଇ ଆମ ସାହିର ମହାରଣାଘର ଝିଅଟାର ବାହାଘର ଠିକ୍ ହୋଇଗଲା । କାଲି ସନ୍ଧ୍ୟାରେ ଯେଉଁ ଗହଳି ଚହଳି ସବୁ ଦେଖୁଥିଲ, ସବୁ ସେଇଥିପାଇଁ ହେଇଥିଲା । ନିର୍ବନ୍ଧ କରିଦେଲେ ବୋଲି ଶୁଣିଲି ।

ରୋଷେଇଘରୁ ବାହାରି ଆସି ଶ୍ରୀମତି କହିଲେ, "କାହାର କହିଲ ?"

- ମହାରଣାଘର ଝିଅ । ଗୋଟିଏ ତ ଝିଅ ତାଙ୍କର ଥିଲା ।

- ଏଁ, ସେ ଝିଅକୁ ବି ପ୍ରସ୍ତାବ ମିଳିଗଲା ?

- ଏଣୁତେଣୁ ପ୍ରସ୍ତାବ ନାହିଁ, ଇଞ୍ଜିନିୟର୍ ବର । ନିର୍ବନ୍ଧରେ ହୀରାମୁଦି ଦେଇଛନ୍ତି ବୋଲି ଶୁଣୁଛି ।

- ଏଁ, ସେଇ ଝିଅଟାକୁ ତମେ କଣ ଗୋଟେ କହୁନଥିଲ ?

- ହା ହା ହା । ଜୋମ୍ବି । ଇଂରାଜୀ ଫିଲ୍ମର ଭୁତୁଣୀ ।

- ହଁ, ସେଇ ଜୋମ୍ବି ତୋମ୍ବି ଭୁତୁଣୀ । କେଜାଣି କେମିତି ଲୋକମାନେ ଏମିତି ଝିଅ ବି ପସନ୍ଦ କଲେଣି ! ମା'ଲୋ ଅନ୍ଧାରରେ ଦେଖିଦେଲେ ହାର୍ଟ୍ ଫେଲ୍ ହେଇଯିବ ।

ଖବର କାଗଜ ଉପରେ ନଜର ଦେଉ ଦେଉ ଶ୍ରୀଯୁକ୍ତ ଦାସ କହୁଥିଲେ, "ହଉ, ଯାଅ । ଚା' ଟା ମିଳିନି । ପଠାଅ ।"

ରୋଷେଇ ଘରକୁ ଯାଉ ଯାଉ ଶ୍ରୀମତି ଦାସ କହୁଥିଲେ, " ଯ୍ଯା ତା ଘର କଥା ବେଶୀ ବୁଝୁଛ ? ଆମ ଟୁନା (ଭାଇ) ପାଇଁ ପ୍ରସ୍ତାବଟେ କରି ପାରୁନ ?"

ଶ୍ରୀଯୁକ୍ତ ଦାସ ହସିଦେଇ କହିଲେ, "ହଁ, ଦେଖିବା କୋଉଠି ଆଉ କେହି ଯଦି ଜୋମ୍ବି ତୋମ୍ବି ଭୁତୁଣୀ ବଞ୍ଚିଥିବ ବୋଇଲେ ପ୍ରସ୍ତାବ ପକେଇବା ।"

# ମୁଠାଏ ଅନ୍ନ



ସୁସ୍ମିତା ମହାପାତ୍ର

ଶ୍ରମିକ ଦିବସ ଅବସରରେ

ନିତି ବାଜୁଥାଏ ପେଁକାଳି ଏଠି

ହାତୀ ଘୋଡ଼ା ଦେବି କହି

ଆଖି ଖୋଲୁ ଖୋଲୁ ଶୂନ୍ୟତା ଖାଲି

ରାତି ଯେବେ ଯାଏ ପାହି ।

କାଗଜ କଲମେ ଆଇନ କହଇ

ଛଅରୁ ଚଉଦ ଶ୍ରମିକ ନୁହଇଁ

ଯିବେ ସିନା ପାଠ ପଢ଼ି

ଦଇବ କିନ୍ତୁ ଲେଖିଛି ଭିନ୍ନ

ଗରିବ ବାଳୁତ ଖୋଜୁଛି ଅନ୍ନ

ମାଆ ମାଟି ଦୂରେ ଛାଡ଼ି ।

ଖଣି ଖାଦାନରେ ଖୋଜେ କେବେ ରୁଟି

କେବେ ଯାଇ ଇଟାଭାଟି

ହୋଟେଲରେ କେବେ କାଟେ ଶଇଶବ

ଅଇଁଠା ପତର ଚାଟି ।

ଭାଷା ମୋ ହଜିଛି ସମୟର ସ୍ରୋତେ

ସରମ ଲାଗୁଛି କହିବାକୁ ମୋତେ

ଶ୍ରମିକ ଦିବସ ଆଜି

ସକାଳରି ଖଟି ସଞ୍ଜେ ମରଇ

ବିକଳ ପରାଣେ ତନ୍ତ୍ରୀ ଥରାଇ

http://www.appsgeyser.com/4368717

(ଶିଶୁ) ମୁଠାଏ ଭାତକୁ ଖୋଜି ।

ନୀତି ରାଜନୀତି ହୋଇଛି ଫେଣ୍ଟା
ଆଠ ନୁହେଁ ଏବେ ଅଠର ଘଣ୍ଟା
ଶ୍ରମିକ ଖଟୁଛି ଗୋଟି
ନିରାଶା ଭିତରେ ଅନ୍ଧାର ହେଜି
କୋଟି ମାନସରୁ ବିସ୍ମୃତ ଆଜି
ଚିକାଗୋ ସହର ତାତି ।

ଜଗତୀକରଣ ଛଡ଼ାଇ ନେଇଛି
ଶ୍ରମିକର ଅଧିକାର
ଅନଶନ ଅବା ପ୍ରତିବାଦ କଲେ
ଚାକିରୀ ଯିବାର ଡର ।

ମଇ ଦିବସରେ ଆଜିର ଆହ୍ୱାନ
ଶୋଷଣ ମୁକ୍ତ କର
ଦୀନ ଶ୍ରମିକର ଦାବୀ ଅଧିକାର
ଅଚିରେ ପୂର୍ଣ୍ଣ କର ।

ଏନ୍.ଏ.ସି (ଏସ୍.ଟି) ଉଚ୍ଚ ବିଦ୍ୟାଳୟ
ସେକ୍ଟର - ୧୬
ରାଉରକେଲା - ୩

http://www.appsgeyser.com/4368717

# ଖଟି ଓ କଟି



ଦ୍ୱିତୀ ଚନ୍ଦ୍ର ସାହୁ

୧

ଖଟିକୁ ଆଉ ଆସୁନଥିଲା ସଂକଳ୍ପ । ଖଟିର ସେ ରେଗୁଲାର କଷ୍ଟମର । ସେ ନଆସିଲେ ଖଟିଟା ପାଣିଚିଆ ହୋଇଯାଏ । କିଛି ଜମେନି । ସଂକଳ୍ପ ଥରେ ଯେଉଁଥିରେ ହାତ ଦିଏ ତାକୁ ସେ ଛାଡ଼େନି । ବଡ଼ କଳାକାରଟିଏ । କଳାକାରମାନେ ଆପଣମାନେ କଣ ଭାବିଲେ ? କଳାକାର ମାନେ ସେ ଚିତ୍ରକର, ଲେଖକ, କବି, ନୃତ୍ୟଶିଳ୍ପୀ କି ଗାୟକ ନୁହେଁ । କଥାରେ ସେ କଳାକାର । କଥାରେ ଆପଣଙ୍କୁ ସବୁବେଳେ ସମ୍ମୋହନ କରିପାରୁଥିବା ନିଆରା ମଣିଷଟିଏ ସେ । ସବୁ ଯୁକ୍ତିକୁ ବୁଲେଇ ବଙ୍କେଇ ଏମିତି ଯୁକ୍ତି କରିବ ଯେ ତାହା କଥା କେବେ ଭୁଲ ହେଉନଥିବ । ଅବଶ୍ୟ ପରେ ଖାଂଟି ସତକୁ ସେ ଗ୍ରହଣ କରୁଥିବ । ତାର ଏମିତି ଯୁକ୍ତି ଉପସ୍ଥାପନ କରିବାର ସିଦ୍ଧାନ୍ତ ହେଲା ମଣିଷ ଏକ ମୁହାଁ ହୋଇ ଯିବା ସବୁବେଳେ ଭୁଲ । ଅନ୍ୟମାନେ କହୁଛନ୍ତି ବୋଲି କହିବା, ଅନ୍ୟମାନେ କରୁଛନ୍ତି ବୋଲି କରିବା ହେଉଛି ସବୁଠାରୁ ମସ୍ତବଡ଼ ଭୁଲ । ଭୁଲକୁ ଗ୍ରହଣ କଲେ କଣ ମିଳିବ । ଆଉ ଏକ ବଡ଼ ଭୁଲ ଓ ବିଫଳତା । ଅନ୍ୟମାନଙ୍କ ଠାରୁ କିଛି ନିଆରା କରି ଦେଖାଇବା ହିଁ ସ୍ୱାତନ୍ତ୍ର୍ୟ । ସେଇ ମଣିଷକୁ ହିଁ ଲୋକେ ଜାଣିବେ, ଚିହ୍ନିବେ ଓ ମନେ ରଖିବେ । ସତରେ ତ ଏତେ ମଣିଷ ଭିତରେ ତାକୁ ହିଁ ଖଟିର ମଣିଷ ମନେରଖିଛନ୍ତି ଆଜି ଯାଏଁ ତାର ଅବର୍ତ୍ତମାନରେ । କଟି ପକାଇ ଚାଲିଗଲା ଯେ ଖଟିକୁ ଫେରୁନି ସେମିତି ଆଉ ଖୁସି ।

୨

କୋଉ କଥାରୁ ଆରମ୍ଭ ହୋଇ ସାତ ସମୁଦ୍ର ତେର ନଈ ଡେଇଁ ଆଉ କୋଉଠି ପହଂଚିପାରୁଥିବା ଯାଗାଟି ହେଉଛି ଖଟି । ମନ ଖୋଲା କଥା ହୋଇପାରୁ ବୋଲି ଖଟିରେ ଧୀରେ ଧୀରେ ଭିଡ଼ ଜମେ । ଚାରିଆଡ଼ର ଚର୍ଚ୍ଚା ଏଠି । ପ୍ରତି ବିଭାଗର ସ୍ପେସାଲିଷ୍ଟମାନେ ଅପ ଟୁ ଡେଟ ତଥ୍ୟ ଦିଅନ୍ତି ଏଠି । ରାଜନୀତି,

ସାହିତ୍ୟ, ଅଫିସ କାରବାର, ଘର ବ୍ୟାପାର, ବଜାର ଦର, ପ୍ରେମ ବେପାର ଠାରୁ ଆରମ୍ଭ କରି ସେକ୍ସ ଖବର । କୋଉଥିରେ ଅବହେଳା ନାହିଁ । ଖଟି ଖବରକୁ ଦୂରୁ ଜୁହାର ବୋଲି ଏଠି ସେଠି ଗପୁଥିବା ଥୋକାଏ କିନ୍ତୁ ବେଳକାଳ ଦେଖି ଖଟିରେ ମୁହଁ ମାରନ୍ତି । କେମିତି ଆସିବା ହେଲା ଆଜ୍ଞା ଖଟିକୁ ବୋଲି ପଚାରିଲେ ମୁହଁ ଟାଣ କରି କଣ କହନ୍ତି ଜାଣନ୍ତି – କାହାକୁ ବେଳ ଅଛି ଯେ ଏମିତି ଫାଲତୁ ଗପିବାକୁ ଏଠିକି ଆସିବାକୁ, ଏପଟେ ଏମିତି ଯାଉଥିଲି ତ ଆସିଗଲି । ଖଟିରେ କଣ ସବୁ ବକବାସ ଚାଲିଛି ଦେଖିବାକୁ । ଏମିତି କହୁଥିବା ସନାତନବାବୁ ବି ବେଳେବେଳେ ଖଟିକୁ ଆସନ୍ତି । ବସି ବେଦମ ହେବାଯାଏ ଗପନ୍ତି । ସବୁଠାରୁ ଗୁରୁତର କଥା କଣ ଜାଣନ୍ତି, ଗଲାବେଳେ କଥା ସବୁ ଦେହକୁ ନେଇ ଜଣେ କି ଦି'ଜଣ ଲୋକଙ୍କ ସହ ତୁଟାଇ ଦିଅନ୍ତି ସଂପର୍କ, ଆଉ ପକାଇ ଦିଅନ୍ତି କଟି ।

ଇନ୍ଦିରା ନଗର, ୪ର୍ଥ ଗଳି, ରାୟଗଡା - ୭୬୫୦୦୧

ଦୂରଭାଷ : ୯୫୫୭୨୮୭୭୭୫

http://www.appsgeyser.com/4368717

# ଏ ଫଗୁ କି ରଙ୍ଗ ଦେଲା



ଅନିଲ୍ ବୋଇତି



ମିନାକ୍ଷୀ ଦାସ

ଏଥର ଯାହା ବି ହେଉ ମୁଁ ତାଙ୍କୁ ଦେଖା କରିକି ହିଁ ଆସିବି । ବାପା ମୋ ଟିକଟ୍ କଟା ହେଇଛି । ବାପାଙ୍କ ମୁହଁରୁ ସ୍ପଷ୍ଟ ଜଣାପଡୁଥିଲା ସେ ଟିକେଟ୍ କାଟିନାହାନ୍ତି । ବିଗତ ଦୁଇବର୍ଷ ପରି ଚଳିତ ବର୍ଷ ମଧ୍ୟ ପୁରୀ ଯାଇ ହୋଲି ଖେଳିବାର ମନ । ଆଗରୁ ଅବଶ୍ୟ ମୋତେ ହୋଲି କହିଲେ ଚିଡ଼ି ଲାଗୁଥିଲା । କିଏ ଯେ ନିଜ ମୁହଁରେ ରଙ୍ଗ ବୋଳି ହୋଇ ଅସନା ଦେଖାଯିବ କହିଲ ସତେ ? କିନ୍ତୁ ଦୁଇବର୍ଷ ହୋଇଗଲା ପୁରୀରେ ଯାଇ ଜଗନ୍ନାଥଙ୍କ ସହ ହୋଲି ଖେଳିବାର ଆନନ୍ଦ କହିଲେ ନ ସରେ । ବିଗତ କଥା ସବୁ ଉଭେଇ ଗଲାଣି, ଏବେ ହୋଲି କହିଲେ ଭାରି ଉତ୍ସାହିତ ଲାଗୁଛି ।

ରାମୁକାକା - ଆରେ ମା ସ୍ମୃତି । ଏଇ ତୋ ଟିକେଟ୍ ହୋଇଯାଇଛି ବୋଲି ବଡ଼ବାବୁ କହିଲେ । ସନ୍ଧ୍ୟା ସାତଟାରେ ଷ୍ଟେସନରେ ବାବୁ ଥିବେ ।

ମନଟା ଉତ୍ଫୁଲ୍ଲିତ ହୋଇ ଉଠିଲା । ଯା ହେଉ ପୁରୀ ଯିବା କାର୍ଯ୍ୟକ୍ରମଟା ସମ୍ଭବ ହୋଇଗଲା । ଏଥର ପୁରୀ ଗଲେ ସୁମିତ ସହ ନିଶ୍ଚୟ ଦେଖା କରିବି । ଦେଖା କରିବି ଆଉ ହୋଲି ଖେଳିବି ମଧ୍ୟ । ସୁମିତ ତ ହୋଲି କହିଲେ ପାଗଳ । ଆଉ ତାଙ୍କ ପାଗଳାମି ମୋତେ ଭଲ ଲାଗେ । ସେଇଥିପାଇଁ ତ ହୋଲି । ନହେଲେ ମୁଁ କିଏ ଆଉ ହୋଲି କିଏ ?

ସନ୍ଧ୍ୟା ହେଇ ଆସୁଥିଲା । ଘରୁ ବାହାରି ଷ୍ଟେସନ ଯିବାପୂର୍ବରୁ ପୂଜାଘରେ ଦୀପଟିଏ ଜାଳିଦେଇ ପ୍ରାର୍ଥନା କରୁଥିଲି, ହେ ପ୍ରଭୁ ଜଗନ୍ନାଥ, ଏଇ ଥର ମୋତେ ନିରାଶ କରିବନାହିଁ । ଯେମିତି ହେଉ ମୋତେ ସୁମିତଙ୍କ ସହ ଭେଟ କରେଇ ଦେବ । ରାମୁକାକା ଡାକୁଥିଲେ, ଆରେ ମା ସ୍ମୃତି, ଜଲ୍ଦି ବାହାର । ବାପା ତେଣେ ଷ୍ଟେସନରେ ତୋ ପାଇଁ ଅପେକ୍ଷା କରିଥିବେ । ତରବର ହୋଇ ଘରୁ ବାହାରି ଆସିଥିଲି । ଷ୍ଟେସନରେ ବାପା ଟିକେଟ୍ ସହିତ ପାଣି ବୋତଲ, ଚିପ୍ସ, ବିସ୍କୁଟ୍ ଆଉ କେତେ କଣ ସବୁ ଧରି ଅପେକ୍ଷା କରିଥିଲେ । ତପସ୍ୱିନୀ ଏକ୍ସପ୍ରେସରେ ଟିକେଟ୍ ହୋଇଥିଲା । ଟ୍ରେନ ବି ପ୍ଲାଟଫର୍ମରେ ଲାଗିଥିଲା ।

http://www.appsgeyser.com/4368717

ବାପା ତରତର କରି ମୋତେ ଟ୍ରେନରେ ଚଢ଼େଇଦେଲେ । ମୁଁ ନିଜ ସିଟ୍ ଖୋଜି ପାଇବାକୁ ସମୟ ଲାଗିନଥିଲା । ଟ୍ରେନ ଛାଡ଼ିଲା । ହାତ ହଲାଇ ବାପାଙ୍କୁ ବିଦାୟ କହୁଥିଲା ବେଳେ ଝରକା ଦେଇ ଆସୁଥିବା ଥଣ୍ଡା ପବନ ମନକୁ ଆନ୍ଦୋଳିତ କରୁଥିଲା ଆଉ ମୁଁ ମନେ ପକାଇଥିଲି ମୋ ଅତୀତର କିଛି ସ୍ମୃତି । ଏଇ ଯେମିତି କଲେଜ ବେଳର କଥା, ସୁମିତଙ୍କ ସହ ମୋର ପ୍ରଥମ ଦେଖା ଇତ୍ୟାଦି । ସେତେବେଳେ ମୁଁ ପୁରୀ କଲେଜରେ ସ୍ନାତକ କରୁଥିଲି । ମେଧାବୃତ୍ତି ପାଇବାପାଇଁ ଭୁବନେଶ୍ୱରରେ ପରୀକ୍ଷା ହୋଇଥିଲା । ସମଗ୍ର ରାଜ୍ୟରୁ ପିଲାମାନେ ଆସିଥିଲେ । ପ୍ରଥମ ପାଳିରେ ବ୍ୟକ୍ତିଗତ ସାକ୍ଷାତକାର ପରେ ଅନେକ ଛାତ୍ରଛାତ୍ରୀ ବିଫଳ ହୋଇଥିଲେ ହେଲେ ଶେଷ ପର୍ଯ୍ୟାୟକୁ ରହିଥିଲୁ କେବଳ ଆମେ ଦୁଇଜଣ । ମୁଁ ରାଉରକେଲାର ଛାତ୍ରୀ ସ୍ମୃତି ଆଉ ସେ ପୁରୀର ଛାତ୍ର ସୁମିତ ।

ଶେଷ ପର୍ଯ୍ୟାୟରେ ଅନେକ ମେଧା ପରିକ୍ଷା ହୋଇଥିଲା ଏବଂ ସୁମିତ ଓ ମୋର ସ୍କୋର୍ ପାଖାପାଖି ସମାନ ରହିଥିଲା । ସୁମିତଙ୍କୁ ଦେଖିବାପରେ ମୁଁ ସ୍ମିତ ହସ ଟିଏ ଦେଇଥିଲି, ଅବଶ୍ୟ ସେ ତାହାକୁ ଅଣଦେଖା କରିଦେଇ ଚାଲିଯାଇଥିଲେ । ମୋତେ ଏହା ବହୁତ ଖରାପ ଲାଗିଥିଲା । ପରୀକ୍ଷା ସମୟରେ ମଧ୍ୟ ସେ ଭାରି ଗମ୍ଭୀର ଦେଖାଯାଇଥିଲେ । ମୁଁ ହସିଦେଲେ ସେ ମୋତେ ଅଣଦେଖା କରୁଥିଲେ । ମନେ ମନେ ସ୍ଥିର କଲି ତାଙ୍କ ସହ କଥା ହେବାପାଇଁ । ସେ ଟେବୁଲ ପାଖରେ ନିଜ ବନ୍ଧୁ ହିମାଂଶୁ ସହ ବସି ପରବର୍ତ୍ତୀ ପରୀକ୍ଷା ରାଉଣ୍ଡ ପାଇଁ ତୟାର ହେଉଥିଲେ । ସେମାନଙ୍କ ପାଖରେ ପହଞ୍ଚିଯାଇ ଅଭିବାଦନ କରିଥିଲା ବେଳେ ହିମାଂଶୁ ମୋ ସହ କଥା ହେଉଥିଲେ କିନ୍ତୁ ସୁମିତ ନିଜ ପାଠପଢ଼ାରେ ବ୍ୟସ୍ତ ଥିଲେ କିମ୍ବା ଥିଲାପରି ଦେଖାଉଥିଲେ । ହେଲେ ତାଙ୍କ ବ୍ୟବହାର ମୋତେ କାହିଁକି କେଜାଣି ଜମା ଭଲ ଲାଗୁନଥିଲା । ମୁଁ ଝିଅଟିଏ ହୋଇ ତାଙ୍କ ସହ କଥା ହେବାପାଇଁ ଆସିଛି, ଅଥଚ ସେ ମୋତେ ଆଡ଼ ଆଖିରେ ଚାହୁଁ ନାହାନ୍ତି । ମୋ ଉପରେ ଏତେ ରାଗ କାହିଁକି ? ହିମାଂଶୁ ଆଉ ସୁମିତ୍ ସେଠାରୁ ଉଠି ଚାଲିଯାଇଥିଲେ ।

ଶେଷ ରାଉଣ୍ଡ ପାଇଁ ଘୋଷଣା ହୋଇଗଲା । ଆମେ ଦୁଇଜଣ ସାମନାସାମନି ବସିଥିଲୁ । ପରୀକ୍ଷକମାନେ ଗୋଟିଏ ପରେ ଗୋଟିଏ ପ୍ରଶ୍ନ ପଚାରି ଯାଉଥିଲେ । ଆମେ ଦୁଇଜଣ ସମାନ ଉତ୍ତର ଦେଉଥିଲୁ । ଅବସ୍ଥା ଏମିତି ବି ହୋଇଥିଲା ଯେ ଶେଷରେ ବରିଷ୍ଠ ପରୀକ୍ଷକ କହିଲେ ଆପଣ ଦୁଇଜଣଙ୍କ ଭିତରୁ କିଏ ଏଇ ମେଧାବୃତ୍ତି ପାଇବେ ତାହା ନିଷ୍ପତ୍ତି ହୋଇପାରୁନାହିଁ । ତେଣୁ ବର୍ତ୍ତମାନ ଆମେ ଯେଉଁ କଠିନ ପ୍ରଶ୍ନ ପଚାରିବୁ ତା ଉତ୍ତର ଯିଏ କହିଦେବ ସେ ହିଁ ସଫଳ ହେଲା ବୋଲି ଧରିନିଆଯିବ ।

http://www.appsgeyser.com/4368717

ମୁଁ ସୁମିତକୁ ଚାହୁଁଥିଲି । ସେ ସେମିତି ମୋତେ ଅଣଦେଖା କରୁଥିଲା । ହେଲେ ଏତିକି ଭିତରେ କାହିଁକି କେଜାଣି ମୋତେ ସେ ଏତେ ଭଲ ଲାଗିଥିଲା ଯେ ମୋତେ ଇଚ୍ଛା ହେଉଥିଲା, ସେ ହିଁ ଜିତି ଯାଆନ୍ତୁ । ଏଇ ସମୟରେ ବରିଷ୍ଠ ପରିକ୍ଷକଙ୍କ ପ୍ରଶ୍ନରେ ନିଜକୁ ସମ୍ଭାଳି ନେଲି, ସେ ପଚାରୁଥିଲେ ସ୍ମୃତି ସାମନ୍ତରାୟ ଆମେ ଆପଣଙ୍କୁ ପ୍ରଥମ ମଉକା ଦେଉଛୁ । ଆପଣ ଏହି ପ୍ରଶ୍ନର ଉତ୍ତର ଦେଇ ପାରିବେ କି ? ମୁଁ ସୁମିତକୁ ଚାହୁଁଥିଲି । ପ୍ରଥମଥର ଦେଖିଲି ସେ ମୋତେ ନିରେଖିକରି ଚାହୁଁଛନ୍ତି । ତାଙ୍କ ଆଖିରେ ବିକଳ ଭାବ ସ୍ପଷ୍ଟ ଦେଖାଯାଉଥିଲା । ସତେ ଯେମିତି ସେ ହାରିଗଲେ ସବୁକିଛି ହାରିଯିବେ । ମୁଁ ବିଚାରକ ମଣ୍ଡଳୀଙ୍କୁ ଚାହିଁ କହିଦେଲି ଏହି ପ୍ରଶ୍ନର ଉତ୍ତର ମୁଁ ଦେଇ ପାରିବି ନାହିଁ, ସେତେବେଳକୁ ସୁମିତଙ୍କ ମୁହଁ ଉଜ୍ଜ୍ୱଳ ଦେଖାଗଲା । ତାଙ୍କୁ ଚାହିଁ ପ୍ରଶ୍ନକର୍ତ୍ତା ପଚାରିଥିଲେ, ସୁମିତ୍ ସାମଲ, ତୁମେ ଏହାର ଉତ୍ତର ଦେଇ ପାରିବକି ? ସେ ବିନା ଅପେକ୍ଷାରେ ସମ୍ପୂର୍ଣ୍ଣ ଉତ୍ତର କହିଦେଇଥିଲେ । ସ୍ୱାଭାବିକ୍ ଭାବରେ ସୁମିତ୍ ଏହି ପ୍ରତିଯୋଗୀତାରେ ସଫଳ ହୋଇଥିଲେ ।

ସମସ୍ତେ ସୁମିତଙ୍କୁ ଘେରିଯାଇ ଅଭିନନ୍ଦନ ଜଣାଉଥିଲେ, ସେଥିରେ ମୁଁ ମଧ୍ୟ ଥିଲି, କିନ୍ତୁ କାହିଁକି କେଜାଣି ସେ ମୋତେ ଭଲ ଭାବରେ ପ୍ରତି ଅଭିବାଦନ ବି ଜଣାଇନଥିଲେ । ସେ ଯା ହେଉ ସେ ଜିତିଗଲେ ବୋଲି ମୁଁ କିନ୍ତୁ ବହୁତ ଖୁସିଥିଲି ।

ପ୍ରତିଯୋଗୀତା ସମାପ୍ତ ହେବାବେଳକୁ ସନ୍ଧ୍ୟା ହୋଇଯାଇଥିଲା । ଆସନ୍ତା କାଲି ହୋଲି ଆଉ ରାଜ୍ୟସ୍ତରୀୟ ଏହି ପ୍ରତିଯୋଗୀତା ଆୟୋଜକମାନେ ହୋଲିର ଆୟୋଜନ କରିଛନ୍ତି ବୋଲି କହିଥିଲେ । ମୋତେ ଭାରି ଭଲ ଲାଗୁଥିଲା । ଆଉ ଦିନଟିଏ ସୁମିତ ସହ ବିତେଇବି ବୋଲି ମନେ ମନେ ଖୁସି ହେଉଥିଲି ହେଲେ ସୁମିତଙ୍କ ମନ କାହିଁକି କେଜାଣି ଏତେ ଖୁସିରେ ଥିବା ଭଳି ଲାଗୁନଥିଲା । ପରଦିନ ସକାଳୁ ସମସ୍ତେ ହୋଲି ଖେଳିବାପାଇଁ ଏକାଠି ହେବାବେଳକୁ କେବଳ ହିମାଂଶୁକୁ ଦେଖି ସୁମିତକୁ ଖୋଜୁଥିଲି । ପାଇଲି ନାହିଁ, ସେଇ ସମୟରେ ହିମାଂଶୁକୁ ଡାକି ସୁମିତ୍ କଥା ବୁଝିବା ବେଳକୁ ସେ କହିଲା, ବୋଧହୁଏ ସୁମିତ୍ ନିଜ କୋଠରୀରୁ ବାହାରିନାହିଁ । ମୁଁ ଯାଉଛି ତାକୁ ଡାକି ଆଣିବି । ସେ ଚାଲିଯାଇଥିଲା ଆଉ ତା ପଛେ ପଛେ ମୁଁ ମଧ୍ୟ ଆଗେଇ ଯାଇଥିଲି ।

- ସୁମିତ୍, କଣ ହୋଲି ଖେଳିବୁନି ?

- ନା, ହିମାଂଶୁ । ତୁ ତ ଜାଣିଛୁ । ମୁଁ ପ୍ରଥମ ହୋଲି ଖେଳେ ମୋ ଜଗନ୍ନାଥଙ୍କ ସହ । ଏଥର ମୁଁ ପୁରୀ ଛାଡ଼ି ନୁଆ ଯାଗାରେ, ତେଣୁ ମୋ ମନ ଜମା ଭଲ ଲାଗୁନି ।

ମୁଁ କବାଟ ପାଖରେ ଠିଆ ହୋଇ ସବୁ ଶୁଣୁଥାଏ । ସେମାନଙ୍କ ବାର୍ତ୍ତାଳାପ ମଧ୍ୟରେ ପଚାରିଦେଲି, "ମୁଁ ଭିତରକୁ ଆସିପାରେ କି ?"

- ଆରେ ହଁ ଆସ ଆସ ସ୍ମୃତି ।

- ଆରେ ଏଇ ଛୋଟ କଥାଟିଏ ପାଇଁ ମନ ଦୁଃଖ କରୁଛ ? ଭଗବାନ କୋଉଠି ନାହାନ୍ତି କହିଲ ଦେଖି ? ଭଗବାନ ତ ସର୍ବବ୍ୟାପୀ । ପାଣି ପବନ ମାଟି ସବୁଠି ସେହି ବିରାଜମାନ ।

- ଯାହା କହିଲ ଶତ ପ୍ରତିଶତ ଠିକ୍ । କଣ ସୁମିତ ବୁଝିଲ ତ ? ଏବେ ଖେଳିବ ନା ନାହିଁ ।

- ତୁମେ ଯାଅ ମୁଁ ଆସୁଛି । ସୁମିତ ମୁହଁରେ ସ୍ମିତହସ ଥିଲା ।

- ଆଉ ହିମାଂଶୁ ! କଣ ହୋଲି ପାଇଁ ବିଶେଷ ବ୍ୟବସ୍ଥା ହେଇଛି କୁହ ତ ? ଭାଙ୍ଗପଣା ହେଇଛି ନା ନାହିଁ ? ଚାଲ ଗ୍ଲାସେ ଗ୍ଲାସେ ପିଇଦେବା ।

- ନା ନା ମୋତେ ସେ ସବୁ ଭାରି ଡର ।

- ଆରେ ଏଥିରେ ଡରିବାର କଣ ଅଛି ? ହୋଲି ଭଳି ଦିନରେ ପିଇବନି ତ ଆଉ କେବେ ପିଇବ ? ଚାଲ ଚାଲ ।

ମୋତେ ହୋଲି ଖେଳିବାକୁ ଭଲ ଲାଗେନି, ତେଣୁ ଦୂରରେ ବସି ସମସ୍ତେ ହୋଲି ଖେଳୁଥିବା ଦେଖୁଥିଲି । ହେଲେ ହଠାତ ସୁମିତ୍ ଆଉ ହିମାଂଶୁ ମୋ ଆଡ଼କୁ ଦଉଡ଼ି ଆସୁଥିବା ଦେଖି କହୁଥିଲି, ଦେଖ୍ ସୁମିତ ମୋତେ ହୋଲି ଖେଳିବାକୁ ଭଲ ଲାଗେନି । ହେଲେ ମୋ କଥାକୁ ଧ୍ୟାନ ନ ଦେଇ ମୁଠାଏ ଅବିର ରଙ୍ଗ ସେ ମୋ ମୁହଁ ଓ ମଥାରେ ବୋଳି ଦେଇଥିଲେ । ମୋତେ ହୋଲିର ରଙ୍ଗ କେବେ ବି ପସନ୍ଦ ନଥିଲା କିନ୍ତୁ ଆଜି କାହିଁକି କେଜାଣି ମୋତେ ଭାରି ଭଲ ଲାଗୁଥିଲା । ଜୀବନରେ ଅନେକ ଫଗୁଣ ରଙ୍ଗହୀନ ବିତିଯିବାପରେ ଆଜି ଲାଗୁଥିଲା ସତେ ଯେମିତି ଏହି ଫଗୁଣ ମୋ ଜୀବନରେ ନୂଆ ରଙ୍ଗ ଆଣିଦେଇଛି । ସୁମିତର ମୁହଁକୁ ଚାହିଁ ରହିଥିଲି । ତାଙ୍କ ଓଠରେ ହସଟା ଆହୁରି ଅଧିକ ସୁନ୍ଦର ଲାଗୁଥିଲା ।

ହଠାତ୍ ଏଇ ସମୟରେ କେହି ଜଣେ କହିଲା, "ଉଠ ଉଠ ପୁରୀ ଆସିଗଲା ।" ପୁରୀ ନାଁ ଶୁଣିଦେଇ ଛାତି ଭିତରେ କେମିତି ଗୋଟାଏ ଅଜଣା ଅନୁଭବ ଲାଗିଲା । ଷ୍ଟେସନରୁ ବାହାରି ସିଧା ମନ୍ଦିର ଆଡ଼କୁ ଚାଲିଲି । ମୋ ମନରେ କେବଳ ଗୋଟିଏ କଥା ଥିଲା, ସୁମିତ୍ ହୋଲି ଖେଳନ୍ତି ତ କେବଳ ଜଗନ୍ନାଥଙ୍କ ସହିତ । ତେଣୁ ସେ ନିଶ୍ଚୟ ଦେଖାଦେବେ । ଅବଶ୍ୟ ଦିନ ଆଉ ସମୟ ବଦଳିଗଲାଣି । ସେ ଏବେ ପ୍ରତିଷ୍ଠିତ ବ୍ୟକ୍ତି । ଜୀବନରେ ଅନେକ ସୋପାନ ସେ

http://www.appsgeyser.com/4368717

ସଫଳତାର ସହ ଉତ୍ତୀର୍ଣ୍ଣ କରିଛନ୍ତି । ସେ ଆଉ ମୋତେ ଦେଖିଲେ ଚିହ୍ନିବେ କି ନା ଜାଣେନା କିନ୍ତୁ ତାଙ୍କୁ ଦେଖିବାପାଇଁ ମୁଁ ବ୍ୟାକୁଳ ହୋଇ ଉଠୁଥିଲି ।

ମନ୍ଦିର ଭିତରେ ପୂଜା କରୁଥିଲା ବେଳେ ଚିରାଚରିତ ଚିହ୍ନା ବୁଢ଼ା ଗୋସେଇଁ ମୋତେ ପଚାରୁଥିଲେ, "ଆଲୋ ଝିଅ ସାତ ବର୍ଷ ହେଲାଣି । ସବୁ ହୋଲିରେ ଏମିତି ଆସୁଛୁ । ସେଇ ଗୋଟିଏ ନାଁ ଆଉ ଗୋତ୍ରରେ ପୂଜା ବି କରୁଛୁ । ହେଲେ ସେଇ ଲୋକଟି କାହିଁ ? ତୋ ସାଥିରେ ଆସୁନି କାହିଁକି ?" ମନକୁ ହାଲୁକା କରି ଉତ୍ତର ଦେଇଥିଲି, "ଆସିବେ ମଉସା । ସେ ବି ଦିନେ ମୋ ସହିତ ଆସିବେ । ଆପଣ ଦେଖିବେ ଆଉ ଆଶୀର୍ବାଦ ବି କରିବେ ।" ଗୋସେଇଁ ପୂଜାରେ ଧ୍ୟାନ ଦେଉ ଦେଉ କହୁଥିଲେ, "ଜଗନ୍ନାଥେ ତୋ କଥା ଶୁଣନ୍ତୁ ଲୋ ମା ।" ମନ୍ଦିରରେ ମୁଣ୍ଡିଆ ମାରିଦେଇ ବେଢ଼ା ବାହାରକୁ ଫେରି ଆସିଥିଲି ମୁଁ, ହେଲେ ମୋ ପରେ ପରେ ସେଇ ଗୋସେଇଁଙ୍କ ପାଖରେ ପହଞ୍ଚିଥିଲେ ସୁମିତ । ଗୋସେଇଁ ନାଁ ଆଉ ଗୋତ୍ର ପଚାରିବା ପରେ କହିଲେ, "ଏବେ ପରା ପୂଜା କରିଲି ତମ ନାଁ ଆଉ ଗୋତ୍ରରେ । ଆଉଥରେ ପୂଜା କଣପାଇଁ ?"

- ମୋ ନାଁରେ ପୂଜା । କିଏ କରିଲା ? ମୁଁ ତ ଆସିନଥିଲି ।

- ଆରେ ବାପ ସାତ ବର୍ଷ ହେଲାଣି ସବୁ ହୋଲିରେ ସେଇ ମାଆଟି ଆସୁଛି, ତମ ନାଁ ଆଉ ଗୋତ୍ର କହି ପୂଜା କରି ଯାଉଛି । ଏଇ ଏବେ ତ ଏଇଠି ଥିଲା । ଏଇ ବାଇଶିପାହାଚରେ ବସିଥିବ ପରା ।

- ମୋ ନାଁ ଆଉ ଗୋତ୍ରରେ କିଏ କାହିଁକି ପୂଜା କରିବ ?

- ଧଳା ପୋଷାକ ପିନ୍ଧି ଝିଅଟିଏ ଆସିଥିଲା । ସେ ସବୁବର୍ଷ ଏଇମିତି ଆସେ ଆଉ ପୂଜା କରେ । ପଚାରିଲେ କୁହେ, ସେ ଦିନେ ଆସିବେ ।

- ଆଶ୍ଚର୍ଯ୍ୟ । ମୋ ପାଇଁ ପୂଜା ଅଥଚ ମୁଁ ଜାଣିନି ? ବୋଧହୁଏ ମୋ ନାଁ ଆଉ ଗୋତ୍ରରେ ଆଉ କେହି ଥିବ । ହଉ ମଉସା ଯାଉଛି, ସାଙ୍ଗମାନେ ତେଣେ ହୋଲି ଖେଳିବାପାଇଁ ଡାକିଲେଣି ।

ମନ୍ଦିର ବେଢ଼ା ବାହାରେ ପ୍ରବଳ ଗହଳି, ଏଇ ଗହଳିରେ ସୁମିତଙ୍କୁ କୋଉଠି ପାଇବି ? ମନ ଅଧୈର୍ଯ୍ୟ ହୋଇଯାଉଥିଲା ବେଳେ ହଠାତ୍ କେହି ଜଣେ ମୋ ଉପରେ ରଙ୍ଗ ଫୋପାଡ଼ିଦେଇ 'ହେପି ହୋଲି' କହୁଥିଲା । ବିରକ୍ତ ହୋଇ ଦେଖିବା ବେଳକୁ ମୋ ସାମନାରେ ସୁମିତ୍ । ସେ ବି ହଠାତ୍ ଚମକି ପଡ଼ି କହିଲେ, "ଓଃ ଆଇ ଏମ୍ ସରି । ମୋ ସାଙ୍ଗ ଉପରେ ରଙ୍ଗ ପକାଉ ପକାଉ ଆପଣଙ୍କ ଉପରେ ପଡ଼ିଗଲା ।"

- ସାତବର୍ଷ ତଳେ ବି ତ ଏମିତି ରଙ୍ଗ ପକେଇଥିଲ । ଭୁଲିଗଲ କି ?

- ସାତବର୍ଷ ତଳେ ? ମୁଁ ? ଆପଣଙ୍କୁ ଉପରେ ରଙ୍ଗ ପକାଇଥିଲି, କେବେ କେଉଁଠି ? ମୋର କିଛି ମନେ ପଡୁନି ତ ?

- ସବୁ ଭୁଲିଗଲ ? ଭୁବନେଶ୍ୱର । ଇଞ୍ଜିନିୟରିଂ ସର୍କିଟ୍ ହାଉସରେ ସ୍କୋଲାର୍ସିପ୍ ପରୀକ୍ଷା । ହିମାଂଶୁ ତୁମେ ଆଉ ମୁଁ ।

- ଓଃ, ହଁ ହଁ । ସ୍ମୃତି ସାମନ୍ତରାୟ । ଆଇ ଏମ୍ ସୋ ସରି । ସେଦିନ ବି ମୁଁ ଏହିଭଳି ଅଭଦ୍ରାମୀ କରିଥିଲି ବୋଲି ସବୁ ମୋ ଉପରେ ବିରକ୍ତ ହୋଇଥିଲେ । ତୁମକୁ ସରି କହିବାପାଇଁ ଯାଇଥିଲି, ହେଲେ ତମେ ଚାଲିଯାଇଥିଲ । ରୁହ ରୁହ.... ଏଇ ଟିକେ ଆଗରୁ ମନ୍ଦିର ଭିତରେ ଜଣେ ବୁଢ଼ା ଗୋସେଇଁ ମୋତେ କହିଲେ ମୋ ନାଁରେ କିଏ ଜଣେ ପୂଜା କରିଛି ବୋଲି ? ସେଇଟା ତମେ କରିଛ ?

ମୋ ମୁହଁ ଖୁସିରେ ଫୁଲି ଉଠିଲା । ମୁହଁ ତଳକୁ କରି ମୁଣ୍ଡ ହଲେଇ ଖାଲି ହଁ ବୋଲି ଜଣାଇଥିଲି । ସେ କିନ୍ତୁ ହଠାତ୍ ସ୍ୱର ବଦଳାଇ ଦେଲାପରି ଲାଗିଲା ।

- ଆର୍ ୟୁ ମ୍ୟାଡ୍ ? ତମେ ପାଗଳ ନା କଣ ?

- ତୁମେ ମୋ ମଥାରେ ଯେଉଁଦିନ ଅଭିର ଦେଇଥିଲେ ସେଇଦିନୁ ମୁଁ ତୁମକୁ ମୋର ସବୁକିଛି ବୋଲି ଧରିନେଇଛି । ସେଇଥିପାଇଁ ସାତବର୍ଷ ହେଲା ପ୍ରତିବର୍ଷ ଏଇଠିକୁ ଆସୁଛି । ଖାସ୍ ତୁମକୁ ଦେଖାକରିବା ପାଇଁ ।

- ତୁମର ମାନସିକ ସ୍ଥିତି ଠିକ୍ ଲାଗୁନି ମୋତେ । ଆର୍ ୟୁ ସିରିୟସ୍ ? ହୋଲିର ରଙ୍ଗଟିକେ ଲାଗିଗଲେ କଣ ସମ୍ପର୍କ ହୋଇଗଲା ? ଭଲପାଇବା ହୋଇଗଲା ? ଏ ସବୁ ପାଗଳାମୀ । ମୁଁ ଭାବୁଥିଲି ତମେ ବୁଦ୍ଧିମାନ୍ ବୋଲି । ଏହାକୁ ଭଲ ପାଇବା କୁହାଯାଏନି ।

- ହଁ, ତମେ କେମିତି ବୁଝିବ ମୋ ମନ କଥା ! ତମେ ଏବେ ବଡ଼ ଲୋକ । ତମର ଜୀବନର ସବୁ ସ୍ୱପ୍ନ ପୁରଣ କରିଛ । ତୁମେ ଭଲପାଇବାର ମାନେ ବୁଝିବ କେମିତି ?

- ଶୁଣ ସ୍ମୃତି । ଏ ସବୁ ପାଗଳାମୀ ଛାଡ଼ । ମୁଁ ଏ ସବୁ ପ୍ରେମଫ୍ରେମରେ ବିଶ୍ୱାସ କରେନି । ତୁମେ ବି ଏ ସବୁ ବନ୍ଦ କର । ଫେରିଯାଅ । ହୋଲି ଭଳି ଦିନରେ ମୁଣ୍ଡକୁ ଗରମ କରିବାକୁ ମୁଁ ଚାହେଁନି । ତୁମେ ବି କର ନାହିଁ । ଆଉ ହଁ, ସେ ଦିନର ଭୁଲ ପାଇଁ ପୁଣିଥରେ ସରି କହୁଛି ।

ସୁମିତ ତରବରରେ ନିଜ କଥା କହିଦେଇ ସେଇ ଗହଳି ଭିତରେ କୁଆଡ଼େ ହଜିଗଲେ । ମୋ ଆଖିରୁ ଲୁହର ଧାର ବହି ଚାଲିଥିଲା । ଅନ୍ୟୋପାୟ ନଥିଲା । ବିଗତ ସାତବର୍ଷ ପରି ପୁଣିଥରେ ନିରୁତ୍ସାହିତ ହୋଇ ମନ୍ଦିରରୁ ଫେରି ଆସିଥିଲି ।

ପୁରୀରେ ହୋଲିର ରଙ୍ଗ ଛାଡ଼ିଗଲାପରେ ସୁମିତକୁ ହଠାତ୍ ମନେ ପଡ଼ିଲା ସ୍ମୃତି କଥା । ହିମାଂଶୁକୁ ଫୋନ୍ କରି ଡାକିଥିଲା । ସମୁଦ୍ର ବେଳାଭୂମିରେ ଦୁଇବନ୍ଧୁ ବସି କଥା ହେଉଥିବା ବେଳେ ସୁମିତ ପଚାରିଥିଲା, ଆଚ୍ଛା ହିମାଂଶୁ ତୋର ସେ ଭୁବନେଶ୍ୱରର ସ୍କୋଲାର୍‌ସିପ୍ କଥା ମନେ ଅଛି ? ମୋର ଗୋଟେ ଝିଅ ସହ କଡ଼ା ମୁକାବିଲା ହୋଇଥିଲା । ସ୍ମୃତି ସାମନ୍ତରାଏ ।

- ହଁ, ଭାଇ । ସବୁ ମନେ ଅଛି । ହେଲେ ତୋର ଆଜି ଏମିତି କେମିତି ମନେ ପଡ଼ିଗଲା ।

- ଆରେ ହେ, ଆଜି ତାକୁ ସକାଳେ ଦେଖିଲି । ମନ୍ଦିର ବାହାରେ ଥିଲା । ତୋତେ କହିଲେ ତୁ ବିଶ୍ୱାସ କରିବୁନି ସେ କଣ କରିଛି !

- ସ୍ମୃତି ? ପୁରୀରେ ? ସତରେ ନା କଣ ? ସେ ଏଠି କଣ କରୁଥିଲା ?

- ମୋ ନାଁରେ ମନ୍ଦିରରେ ପୂଜା କରିଥିଲା । ଆଉ କହିଲା ସାତବର୍ଷ ହେଲା ସେ ପ୍ରତି ହୋଲିରେ ଏଠିକୁ ଆସି ମୋ ନାଁରେ ମନ୍ଦିରରେ ପୂଜା କରୁଛି । ପାଗଳି ଝିଅଟେ ନାହିଁ କି ?

ହିମାଂଶୁ ଗମ୍ଭୀର ଲାଗୁଥିଲା । ସୁମିତ୍ ପ୍ରଶ୍ନିଳ ନୟନରେ ଚାହିଁଥିଲା, ହିମାଂଶୁ କହିଲା, "ବୁଝିଲୁ ଭାଇ, ତୋ ପାଇଁ ତୋ କ୍ୟାରିୟର୍ ବହୁତ୍ ଇମ୍ପୋର୍ଟାଣ୍ଟ ଥିଲା । ସେଇ ସ୍କୋଲାର୍‌ସିପ୍ ନ ପାଇଲେ ତୁ କିଛି କରିପାରିନଥାନ୍ତୁ । ତେଣୁ ତୁ ଚାହୁଁଥିଲା ଜିନିଷ ତୋତେ ମିଳିଗଲା । ତା'ପରେ ଭାଙ୍ଗନିଶାରେ ସ୍ମୃତିର ମଥାରେ ରଙ୍ଗ ବୋଳି ଦେଇଥିଲୁ । ସେ ନିରୀହ ଝିଅଟେ, ଏହାକୁ ଭଲ ପାଇବା ବୋଲି ଧରିନେଲା । ଦୋଷ ତୋର ନାହିଁ, ତା'ର । ସେ ନିଜଠୁ ଭଲ ପୁଅଟେ ଚାହିଁଲେ ପାଇଥାନ୍ତା, ତୁଚ୍ଛାଟାରେ ତୋ ପଛରେ ପଡ଼ିଲା । ତୁ ସେଦିନ ବି ତା ସହ ଭଲ ବ୍ୟବହାର କରିନଥିଲୁ, ଏବେ କରିବୁ ବୋଲି ମଧ୍ୟ ସେ ଆଶା କରିନଥିବ ।"

- ମୋର ଏଠି ଭୁଲ କଣ ରହିଲା ? ସୁମିତ୍ ଆଶ୍ଚର୍ଯ୍ୟ ହୋଇ ପଚାରୁଥିଲା ।

- ନା ତୋର ଭୁଲ୍ ନାହିଁ । ଭୁଲ୍ ତା'ର । ସେ ହିଁ ମୋ କଥାରେ ଭଳକି ଯାଇ ଭୁଲ୍ କରିଦେଲା । ତୁ କଣ ଭାବୁଛୁ, ସେଇ ସ୍କୋଲାର୍‌ସିପ୍ ପରୀକ୍ଷାରେ ତୁ ସଫଳ ହୋଇଥିଲୁ ? ନା, ତୋତେ କରାଯାଇଥିଲା । ଆଉ ତୋ ସଫଳତା ପଛରେ ଥିଲା ସ୍ମୃତି । ସେ ଜାଣିଶୁଣି ତୋ ପାଇଁ ଶେଷ

ପ୍ରଶ୍ନର ଉତ୍ତର ଦେଇନଥିଲା । ସେ ଚାହିଁଥିଲେ ଠିକ୍ ଉତ୍ତର୍ ଦେଇ ପାରିଥାନ୍ତା । କିନ୍ତୁ ସେ ସେମିତି କଲାନି । ସେଇ ଭୂଲ କରିଲା ।

- ତୁ କଣ ଏ ସବୁ କହୁଛୁ ? ସେ କାହିଁକି ଜାଣିଶୁଣି ମନା କରିବ ।

- କାରଣ ସମସ୍ତେ ତୋ ପରି ରୂକ୍ଷ ଆଉ ଦୃଢ଼ମନା ନୁହନ୍ତି । କେତେଜଣ କୋମଳ ହୃଦୟ ବି ଅଛନ୍ତି । ଆଉ ସ୍ମୃତି ବି ସେମାନଙ୍କ ମଧ୍ୟରେ ଜଣେ । ସେ ଦିନ ତୋ ରୁକ୍ଷ ବ୍ୟବହାରେ ସେ ବହୁତ ଆହତ ହୋଇଥିଲେ ସୁଦ୍ଧା କାହାକୁ ଜଣାଇନଥିଲା । ମୋତେ ପଚାରିବା ପରେ ତୋ ଗରୀବ ଘର କଥା ମୁଁ ତାକୁ କହିଥିଲି । ସେଇଥିପାଇଁ ସେ ତୋତେ ଜିତେଇ ଦେଇଥିଲା । ପରେ ମୁଁ ପଚାରିବାପରେ କହିଲା, ସୁମିତ ଜିତିଲେ ସେ ନିଜେ ଜିତିଲା ପରି ଖୁସି ହେବ ।

- ହେ ଭଗବାନ । ଏତେ ବଡ଼ କଥା ତୁ ମୋ ସାଙ୍ଗ ହୋଇ ମୋତେ କହିନଥିଲୁ କାହିଁକି ?

- ସେ ମନା କରିଥିଲା । କହିଲା । ଯେଉଁଦିନ ସୁମିତ୍ ନିଜେ ଉପଲବ୍ଧି କରିବେ ଯେ ସେ ମୋତେ ଭଲ ପାଆନ୍ତି, ସେ ଦିନ ସେ ନିଜେ ମୋ ପାଖକୁ ଆସିବେ ।

- ମୁଁ ମସ୍ତବଡ଼ ଭୁଲ କରିଦେଇଛି ଭାଇ । ଏବେ କଣ କରିବି ଜାଣିପାରୁନି ? ଆଜି ସକାଳେ ହିଁ ତାକୁ କଣ ନା କଣ ସବୁ କହିଦେଇଛି । ସେ କଣ ଆଉ ମୋତେ କ୍ଷମା କରିପାରିବ ?

- ଭଲ ପାଇବା ମଣିଷମାନେ ଅନ୍ୟର ସବୁ ଭୁଲକୁ କ୍ଷମା କରିଦିଅନ୍ତି । ଚାଲ ମନ୍ଦିରକୁ ଯିବା ।

ମନ୍ଦିର ବେଢ଼ାରେ ମନ ଦୁଃଖରେ ବସିଥିଲି ମୁଁ । ମୋ ପାଖକୁ ଆସି ହିମାଂଶୁ କହିଲା, "ପୂଜା କରିଲ ? ଫଳ ମିଳିଲା ?"

ନିରବରେ ହିମାଂଶୁ ମୁହଁକୁ ଚାହିଁ ରହିଥିଲି । ସେ କହିଲା, "ଯାଅ, ଗୋସେଇଁ ନନା ମନ୍ଦିର ଭିତରେ ଡାକୁଛନ୍ତି ପୁଣିଥରେ ପୂଜା କରିବ । " ମୁଁ କିଛି ବୁଝିପାରୁନଥିଲି, ମୋ ହାତ ଧରି ମନ୍ଦିର ଭିତରକୁ ଟାଣି ନେଇଥିଲା ହିମାଂଶୁ । ମନ୍ଦିର ଭିତରେ ସେଇ ବୁଢ଼ା ଗୋସେଇଁଙ୍କ ପାଖରେ ଠିଆ ହୋଇଥିଲା ସୁମିତ୍ । ଗୋସେଇଁ ମଉସା କହୁଥିଲେ, "ତୋ କଥା ଶୁଣିଲେ ଲୋ ଝିଅ । ଆ । ଏଇଠି ଠିଆ ହ ।" ସୁମିତ୍ ମୋତେ ଚାହିଁ ରହିଥିଲେ । ମୁଁ ଦେଖୁଥିଲି ଜଗନ୍ନାଥଙ୍କ ଚକାଆଖିରୁ ଆନନ୍ଦରେ ଲୁହ ଝରି ଗଲାପରି ଲାଗୁଥିଲା ।

ପରିକଳ୍ପନା ଓ କାହାଣୀ : ଅନିଲ କୁମାର ବୋଇତି ଏବଂ ମିନାକ୍ଷୀ ଦାଶ

ସମ୍ପାଦନା ଓ ଉପସ୍ଥାପନା : ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

# ମାଟି ମାଆ



ସୁକାନ୍ତ ନାୟକ

ମା ଆଜି ନିସ୍ତବ୍ଧ ହୋଇ ଚାହିଁ ରହିଛି
ମନେ ଅସରନ୍ତି ପୀଡ଼ା ଧରି ରହିଛି
ଖେଳୁଛନ୍ତି ଆଜି ରକ୍ତର ହୋଲି ଛୁଆମାନେ ତା'ର

ସେହି ମାଟି ମାଆର ସନ୍ତାନ ତୁହିରେ
ଆଜି କାହିଁ କରୁଛୁ ପ୍ରଭେଦ ନିଜ ଭିତରେ
ଅଜଣା ଅଚିହ୍ନା ଲୋକର କଥାରେ ପଡ଼ି
କାହିଁ କରୁଅଛୁ ଲଢ଼େଇ ନିଜ ଭିତରେ

ଏଇଠି ସ୍ୱର୍ଗ, ଏଇଠି ନର୍କ
କାହିଁ କରୁଅଛୁ ନିଷ୍ଠୁର କର୍ମ
ପର କଥାରେ ପଡ଼ି
କାହିଁ ଭୁଲି ଯାଉଛୁ ତୁ ମଣିଷ ଧର୍ମ

ପୂର୍ବପୁରୁଷ ରଖିଯାଇଥିଲେ ମାଆର କେତେ ଯେ ମାନ
ମନେ ପଡୁନାହିଁ କି ଆଜି ତୋର ପୂର୍ବ ଗୌରବ ସମ୍ମାନ

ଯେତେ ବାଧା ଆସୁ ଯେତେ କଷ୍ଟ
ଭୁଲିଯାଅନା ତୋର ପରମ କର୍ତ୍ତବ୍ୟ
ମଣିଷ ଧର୍ମ ଓ ଦେଶ ପ୍ରେମରେ ନିଜକୁ କର ଆଭୁଷିତ
ଏହା ହିଁ ହେଉ ତୁମ ପରମ କର୍ତ୍ତବ୍ୟ ।

# ଉତ୍କଳର ଗାଥାଗୀତି



ଡାକ୍ତର ସନ୍ଧ୍ୟାରାଣୀ ପାଣିଗ୍ରାହୀ

ତୁ ତୋ ପରା ମାଆ

କୋଟି କୋଟି ଓଡ଼ିଆଙ୍କର

ହୃଦୟ ଶୂନ୍ୟ ହେଉ ପଛରେ

କଣ ସତରେ ଏ ପ୍ରୀତି ପ୍ରିୟାର

ମୁଁ ଖୁବ୍ ବିବେକବାନ୍ ଗୁଣୀ

ଆଉ ଭାଷାରେ ନିପୁଣତା

ମରମେ ଖିଆଲ ଆବିଳତା

କୁସଂସ୍କାର ଏ ରାସ୍ତାରେ ଯାତାୟତ

ଏଥିପାଇଁ ତୁ ଅବହେଳିତ

ତୋ ସନ୍ତାନର ଅଧୋଗତି

ପ୍ରସବ ବେଦନାରେ ତୁ ପ୍ରତାରିତ

ଦୁର୍ବଳ ତୁ ବେଢ଼ିର ବାଡ଼ିରେ ଦୁର୍ନୀତିର..

ଏଠି ତୁହି ତୁନି ରହି ଝରାଉ ଝରଣା ଲୁହର..

ଶତ ସହସ୍ର ମହାପୁରୁଷଙ୍କ ଜନ୍ମଦାତ୍ରୀ

ମଳିନ ତୋର ଏ ବେଶ କାହିଁକି..

ତୁହି କହ ତ..

ପ୍ରେମ ଝର କିଛି କିବା ନାହିଁ

ହୃଦୟର ସ୍ପନ୍ଦନ ସୁପ୍ତ କି ପାଇଁ

ତୁମେ କୁହ ଏ ଅବହେଳା କଣ ପାଇଁ



http://www.appsgeyser.com/4368717

ଏକ କେବଳ ମା ମୋର

କେହି ନୁହେଁ ତୁମରି କାହାର

ଏ ହାହାକାର କୁହ କାରଣ

ମୁଁ ପ୍ରତୀକ୍ଷା କରିବି ଦିନତମାମ

ପ୍ରତୀକ ପ୍ରେମର ବନ୍ଧନର ପାଇଁ

ଜାଣିବି ଜିଣିବି ଏଥର ତୁମ ସାଥୀହୋଇ..

ହସି ହସାଇ ଫୁଲ ଫୁଟାଇ

ମହକିବ ସେ ଷୋଡ଼ଶୀ ହୋଇ

ଏ ଧରାରେ ବ୍ରତୀ ଏ ଧାରାରେ

ଜନମ ନେବି ବାରମ୍ବାର ତୋ ଗର୍ଭରେ

ମୁଁ ଗର୍ବିତ

ତୋ ବକ୍ଷରୁ ପିଇ ଅମୃତ

ଏ ବେଳାରେ ସ୍ପନ୍ଦନ ସୁନ୍ଦରୀ

ଭର ମୋ ତନୁମନରେ

ପଣ ନେବି ଗାଥା ତୋରି ଗାଉଥିବି

ତରୁଣୀ ତରୁଣକାନ୍ତି ରୂପ ତୋର

ମନରେ ଭରିବି ଶତବାର

ପ୍ରତିଜ୍ଞା କରିବି ସହସ୍ରଥର

ପ୍ରତିଷ୍ଠା ପାଇଁ ତୋର

ଭାଷା ସାହିତ୍ୟ ରଚନାର

ସ୍ତୁତିଗାନ ସଂସ୍କୃତିର

ଲୋଡ଼ାନାହିଁ ଆଉକିଛି ଏ ଜନମର

ଆଙ୍କିଛି ଛବି ତୋ ନବଯୌବନର

ସେ ସପନ ମୋ ପୂର୍ଣ୍ଣ ହେଉ

ଏ ବ୍ରତ ମୋ ସାକାର ହେଉ

ଉପବାସ ଉପବିଷ୍ଟ ନାହିଁ ଧାରାର

ମନଭରି ଦେଖିନିଏ ରୂପକାନ୍ତି ରୂପାନ୍ତର

ତୁ ମା.. ତୁ ଶ୍ରେଷ୍ଠା..

ମୁଁ ଧନ୍ୟ ତୋ ଜଠରୁ ଜନମି

ଆଶିଷ ଆଶୀର୍ବାଦ କର

ନେବି ଜନମ ବାରମ୍ବାର

ନତମସ୍ତକ ଲଲାଟ ମୋ ପାଦତଳେ ତୋର..

ଓଡ଼ିଆ ପ୍ରୀତି ଓଡ଼ିଆ ଜାତି

ହସି ଉଠୁ ଓଡ଼ିଆ

କେହି ନ ବୁହାଉ ଅଶ୍ରୁ କୋହର

ଦାଦନ ନୁହଁ କେହି ଆମେ

ଏ ଗୌରବ ଗୀତି ଆମ ଇତିହାସର

ବରିଷ୍ଠା ସ୍ତ୍ରୀ ଓ ପ୍ରସୁତୀ ରୋଗ ବିଶେଷଜ୍ଞା

ବ୍ରହ୍ମପୁର, ଓଡ଼ିଶା

http://www.appsgeyser.com/4368717

# ଚୁଡ଼ା



ସୁବଳ ମହାପାତ୍ର

(୧)

ସକାଳୁ ସକାଳୁ ପୁଅ ମା'କୁ ଖାଇବାକୁ ମାଗିଲା ।

ପୁଅ - ମା, କଣ ଦି'ଟା ଦେଲୁ ଖାଇବି ।

ମା - ଚୁଡ଼ା କଦଳୀ ଦେବି ?

ପୁଅ - ହେଃ, ଚୁଡ଼ା କଦଳୀ କଣ ସବୁ ମଣିଷ ଖାଆନ୍ତି ?

ମା - ଆଉ, ଚୁଡ଼ା ସନ୍ତୁଳା କରିଦେବି ?

ପୁଅ - ହେଃ, ମୁଁ କଣ ଗାଁରୁ ଆଇଚି ? ଚୁଡ଼ା ଖାଇବି ?

ମା - ମୁଢ଼ି ଦି'ଟା ଦେବି ମିକ୍ସଚର୍ ପକେଇ ଚୋବେଇବୁ ?

ପୁଅ - ତୁ ଛାଡ଼ ! ମୁଁ ଯାଉଛି ମକରା ଦୋକାନରୁ କଣ ଟିକେ ଖାଇଦେବି ।

(୨)

ପୁଅ ରହୁଛି ଗୁଜୁରାତରେ । କାମ କରୁଛି ସଫ୍‌ଟୱେର୍ କମ୍ପାନୀରେ...

ପୁଅ (ଦୋକାନୀକୁ) - ଭାଇ ପୋହା ପ୍ଲେଟ୍ କେତେ ?

ଦୋକାନୀ - ୧୫ ଟଙ୍କା ।

ପୁଅ - ଦୁଇ ପ୍ଲେଟ୍ ଦେଲ । ଆଉ ମମ୍‌ରା ପକେଟ୍ କେତେ ?


ଦୋକାନୀ - ୧୦ ଟଙ୍କା ।

ପୁଅ - ସେଥିରୁ ବି ଦୁଇଟା ଦେଇ ଦିଅ ।

ପୁଅ ଖାଇ ଖାଇ ଅଫିସ ଚାଲିଗଲା । ମା ତା'ର ଆଁ କରି ଚାହିଁ ରହିଥିଲା । ଗୁଜୁରାତି ଚୁଡ଼ା ସନ୍ତୁଳା (ପୋହା) ଆଉ ମୁଢ଼ି (ମମ୍‌ରା) ପୁଅ ସ୍ନେହରେ ଖାଇଦେଲା, ଘର ତିଆରି ଜିନିଷକୁ ଚାହିଁଲାନାହିଁ !!!

http://www.appsgeyser.com/4368717

# ମୁଠାଏ ମୂର୍ଚ୍ଛନା



ଶମ୍ଭୁନାଥ ଦାସ


ମୁଠାଏ ମୂର୍ଚ୍ଛନା:
ପ୍ରକମ୍ପିତ ଗଗନ ପବନ
ପ୍ରଜ୍ୱଳିତ ପ୍ରଗତି ଆଲୋକ
ପ୍ରସ୍ଫୁଟିତ ସୁଗନ୍ଧ କଳିକା
ପ୍ରଖରିତ ଜାତୀୟତା ସ୍ରୋତ
ପ୍ରତିଜ୍ଞାର ଜୁଆର କୂଳ ଲଂଘେ
ପରିଷଦ ହୁଏ ସ୍ତମ୍ଭୀଭୂତ
ପ୍ରଶମିତ ମୌସୁମୀ ପ୍ରବାହ
ପ୍ରତ୍ୟାଖ୍ୟାନ କରେ ବାରମ୍ବାର ।

ମୁଠାଏ ମୂର୍ଚ୍ଛନା:
ନିଦାଘରେ ଭାସଇ ବସନ୍ତ
ନିଃଶବ୍ଦରେ ରୁଣୁଝୁଣୁ ଶବ୍ଦ
ନିଃଶ୍ୱାସରେ ଝଲକେ ବିଜୁଳି
ନିଶାମଣି ଢାଳଇ ଜୋଛନା
ନିର୍ବିକାର ଅନ୍ତଃ ଅଧୋମୁଖ
ନିର୍ବିଘ୍ନରେ ମହାନ ଉଦାର
ନିଶ୍ଚଳ ହେଲେ ବି ହୃଦୟ
ନିଶ୍ଚଳା ତଥାପି ବିଦୀର୍ଣ୍ଣ ।

ମୁଖ୍ୟ ସମ୍ପାଦକ; 'ଅଭିଯାନ'
୧୭୫ - ଏ/୧, ବିଶ୍ୱଲକ୍ଷ୍ମୀ ତାଲା ରୋଡ଼
କୋଲକାତା - ୭୦୦୦୬୦
ଦୂରଭାଷ - ୦୯୦୩୮୩୯୭୧୩୫

http://www.appsgeyser.com/4368717

# କେବେ ତୁ ଆସିବୁ



ସୁମିତ୍ରା ରାଉଳ

କେବେ ତୁ ଆସିବୁ କୋଳକୁ ମୋହର ମନ ହୁଏ ଛଟପଟ
ତୋ ବିନାରେ ଜୀବନର ସବୁ ହସଖୁସି ଧାଏଁ ଯେଝା ବାଟ ।
ଚାତକି ଆଖି ମୋ ଖୋଜେ ନିତି ତୋ କୋମଳତା ଭରା ଶରୀର
ଦୁଃଖିନୀ ମନ ଝୁରୁଥାଏ ସଦା ପାଇବାକୁ ସ୍ପର୍ଶ ତୋହର ।
ଅଧରୁ ତୋହର ଝରାଇବୁ କେବେ ମିଠାମିଠା ନାଲି ହସ
ଅମୃତଝରା ସେ ହସରେ ତୋହର ଜଗତଟା ହବ ବଶ ।
ଦରୋଟି ଭାଷାରେ ମୋହୁଥିବୁ ମନ ସଭିଙ୍କୁ କରି ନିଜର
ଟଳମଳ ହୋଇ ପଡୁଥିବ ପୁଣି କୁନି କୁନି ପାଦ ତୋହର ।
ଚାଲୁଚାଲୁ ପୁଣି ଝୁଣ୍ଟିପଡୁଥିବୁ ଧୂଳିମାଟି ବୋଲି ହୋଇ
ଉଠାଇ ଆଣିବି ଝାଡ଼ିଝୁଡ଼ି ଦେବି କରୁଥିବି ଗେଲ ମୁହିଁ ।
ଅଝଟ କରିବୁ ମୋ ସାଥିରେ ଯେବେ ଶୁଣିବି ମୁଁ ମନ ଦେଇ
ଦିନ ମୋ କଟିବ ତୋ ପଛରେ ଧାଇଁ ତୋ ମୁହଁକୁ ଚାହିଁ ଚାହିଁ ।
ଆଖିରୁ ତୋହର ଝରିଲେ ଲୁହ ମୋ ଛାତିରୁ ଝରିବ ଲହୁ
ସବୁ ଦୁଃଖ କଷ୍ଟ ତୋ ପାଇଁ ସହିବି ପିଇଗଲା ପରି ମହୁ ।
ମାଆ ବୋଲି ମୋତେ ଡାକିବୁ ତୁ ଯେବେ ଖୁସିରେ ପାଗଳି ହେବି
ନୟନତାରା ମୋ ଗଣ୍ଠିଧନ ଆରେ ତୋ ପାଖକୁ ଧାଇଁ ଯିବି ।
ଚାଲିଆ ଶୀଘ୍ର ତୁ କୋଳକୁ ମୋହର ବିଳମ୍ବ ନ କରି ଆଉ
ଅପୂର୍ଣ୍ଣ କୋଳ ମୋ କରି ଦେ ପୂରଣ ସବୁ ଦୁଃଖ ମୋର ଯାଉ ।

ବାଗସାହି, ପ୍ରୀତିପୁର, ଯାଜପୁର ।
ମୋ-9937861299

http://www.appsgeyser.com/4368717

# ସମ୍ପର୍କର ଖିଅ



ଦେବସ୍ମିତା ବେହେରା

ଆଜିର ଏହି ଆଧୁନିକ ସମାଜରେ
ବଦଳିଯାଇଛି ସମ୍ପର୍କର ପରିଭାଷା
ଐଶ୍ୱର୍ଯ୍ୟପ୍ରାପ୍ତିର ଅଦମ୍ୟ ଲାଳସା ଅବା
ଶସ୍ତା ସଫଳତାର ମୋହରେ ଆମେ ସଭିଏଁ
ମାଡ଼ି ଚାଲିଛି ଆଗକୁ ଆଗକୁ
ଯେଉଁଠି ପଛକୁ ଫେରି ଦେଖିବାର
ନାହିଁ କୌଣସି ଆଶା ଆଉ ସମ୍ଭାବନା
ସଫଳତାର ଅହଙ୍କାରରେ ଆଜି
ଲୁଚି ଯାଇଛି ସମ୍ପର୍କର ସବୁ ପରିଭାଷା
ଠିକ୍ ଭୂମିକମ୍ପର ଭଗ୍ନସ୍ତୁପ ତଳେ ।
ବୟସର ଅପରାହ୍ନରେ ଆଜି ଯେବେ ମୁଁ ଏକାକୀ
ଅତୀତର ସ୍ମୃତିରୁ ଖୋଜୁଛି ବସି
ସମ୍ପର୍କର ସବୁ ଅଡୁଆ ଖିଅକୁ
ଯାହାକୁ ଛାଡ଼ି ଆସିଛି କାହିଁ କେତେ ପଛରେ
ଦିନେ ମୁଁ ନିଜେ ଜାଣି ଜାଣି
ତଥାପି ଏକୁଟିଆ ବଞ୍ଚିବାର ଡରରେ
ମୁଁ ଖୋଜୁଛି ବାପା, ମା, ଭାଇ ଓ ଭଉଣୀ
ଆଉ ବାକି ସବୁ ରକ୍ତ ସମ୍ପର୍କୀୟଙ୍କୁ ।
ଝୁରୁଛି ମୁଁ ସମ୍ପର୍କର ଅତିକ୍ଷଣ ଡୋରିକୁ

http://www.appsgeyser.com/4368717

ଠିକ୍ ଏକ ମଲା ଶବପରି

ଅପେକ୍ଷା କରିଛି ସେହି ସମୟକୁ

ଯେବେ ମୁଁ ଭାଙ୍ଗି ପାରିବି ମାନ ଅଭିମାନର ପ୍ରାଚୀରକୁ

ଦେଇପାରିବି ମୋ ବୋଉ ମୁହଁରେ ମୁଠାଏ ହସ

ବାପାଙ୍କ ମନରେ କାଣିଚାଏ ଦମ୍ଭ

ଯିଏ ଦିନେ ଦେଖିଥିଲେ ମୋ ପାଇଁ ଅସରନ୍ତି ସ୍ୱପ୍ନ

ଯାହା ହଜିଯାଇଛି ଆଜି ସମୟ ସ୍ରୋତରେ

ମୋ ନିଜର ଅପାରଗତା ପାଇଁ

ଆଉ ଭରି ରହିଛି ମନରେ କେବଳ

କିଛିଟା ଅକୁହା ବ୍ୟଥା ଆଉ ଅସରନ୍ତି କ୍ରୋଧ ।

ମାନ ଅଭିମାନ ଅଚ୍ଛାଦିତ କରିଛି ମନକୁ

ମେଘ ଆକାଶରେ ଥିବା ଭସା ବାଦଲ ପରି

ତଥାପି ମନରେ ଅଛି ମୋ ଦୃଢ଼ ବିଶ୍ୱାସ

ସୂର୍ଯ୍ୟ ପୁଣି ଉଇଁବ ଦିନେ ମୋ ଜୀବନେ

ତା'ର ସୁନେଲି କିରଣକୁ ବୁଣି

ଲିଭାଇ ଦେବ ମୋ ଜୀବନରୁ ମାନ ଅଭିମାନର ବାଦଲକୁ

ଖୁସିରେ ପୁରି ଉଠିବ ମୋର ସଂସାର

ସମୟର ସୁମଧୁର ସଂଗୀତର ତାଳେ ତାଳେ ।

ୟୁନିଟ୍ - ୯, ଫ୍ଲାଟ୍, ବାୟାବାବା ମଠ ଲେନ୍

ଭୁବନେଶ୍ୱର - ୭୫୧୦୨୨

http://www.appsgeyser.com/4368717

# ମହାଗାଥା : ରାମାୟଣ



ଅଧ୍ୟାପକ ସୁଶାନ୍ତ ପୁରୋହିତ

ଆମ ଭାରତ ର ଅନନ୍ୟ ମହାକାବ୍ୟ : ରାମାୟଣ

ରାମାୟଣକୁ ଆମ ଧର୍ମରେ ମହାକାବ୍ୟର ଆଖ୍ୟା ଦିଆଯାଉଥିବା ବେଳେ ଏହା ଆମର ମୁଖ୍ୟ ଧର୍ମଗ୍ରନ୍ଥ ଭାବରେ ଭଗବତ ଗୀତା ଓ ମହାଭାରତ ସହ ଆମ ସାମାଜିକ ଜୀବନସହ ଅଙ୍ଗାଙ୍ଗି ଭାବରେ ଜଡ଼ିତ ରହିଛି । ଏହି କାହାଣୀର ସତ୍ୟତା ନେଇ ଅନେକ ପ୍ରମାଣ ମଧ୍ୟ ମିଳିସାରିଛି । ପୁରାତନ ଅଯୋଧ୍ୟା ନଗରୀ ଓ ସେଠାରେ ଥିବା ଭଗ୍ନାବଶେଷ ସମୁଦ୍ର ଗର୍ଭରେ ଥିବାର ମଧ୍ୟ ପ୍ରତ୍ନତତ୍ତ୍ୱବିଦ ମାନେ ପ୍ରମାଣ ପାଇଥିବାର ଜଣାଯାଏ ।

ମୂଳ ରାମାୟଣ ମହର୍ଷି ବାଲ୍ମୀକିଙ୍କ ଦ୍ୱାରା ରଚିତ ହେଇଥିଲା । କିନ୍ତୁ କାଳକ୍ରମେ ଏହାକୁ ଆଧାର କରି  ବିଭିନ୍ନ ଭାରତୀୟ ଭାଷାରେ ଅନ୍ୟୁନ ତିନି ଶହ ବିଭିନ୍ନ ରଚନା ରହିଥିବାର ଜଣାଯାଏ । ମୂଳ କଥାବସ୍ତୁ ସବୁ ରାମାୟଣରେ ସମାନ ରହିଥିଲେ ମଧ୍ୟ ବିଭିନ୍ନ ବିଷୟବସ୍ତୁରେ ବିବିଧତା ରହିଥାଏ ।

ଭାରତ ବାହାରେ ବିଭିନ୍ନ ଏସୀୟ ଦେଶମାନଙ୍କରେ ସେଠାକାର ଭାଷାରେ ରାମାୟଣ ଲେଖା ହୋଯାଇଥିଲା । ବର୍ମା (ବର୍ତ୍ତମାନର ମ୍ୟାନମାର), ଇଣ୍ଡୋନେସିଆ, କାମ୍ବୋଡ଼ିଆ, ଲାଓସ, ଫିଲିପାଇନସ୍, ଶ୍ରୀଲଙ୍କ, ନେପାଳ, ଥାଇଲାଣ୍ଡ, ମାଲୟେସିଆ, ଜାପାନ, ମଙ୍ଗୋଲିଆ, ଭିଏତନାମ, ଓ ଚୀନ ଦେଶରେ ରାମାୟଣ ରଚିତହେଇ ଆଦୃତ ହେଇଥିଲା । ମୂଳ ବାଲ୍ମୀକିରାମାୟଣକୁ ଅନୁବାଦ କରି କେତେକ କ୍ଷେତ୍ରରେ ତାହାକୁ ବିଭିନ୍ନ ସ୍ଥାନରେ କାଳ୍ପନିକ ଭାବରେ ପରିବର୍ତନ କରି ସେ ସବୁ ଲେଖା ଯାଇଥିଲା । ଏହି ସବୁ ଭାଷାନ୍ତରିକୃତ ରାମାୟଣ ମଧ୍ୟରେ ୧୨ଶ ଶତାବ୍ଦୀରେ ରଚିତ ତାମିଲ ଭାଷାର "ରାମାଭରତମ", ୧୪ଶ ଶତାବ୍ଦୀରେ ରଚିତ ତେଲୁଗୁଭାଷାର "ଶ୍ରୀ ରଙ୍ଗନାଥ ରାମାୟଣମ", "ଖାମେର ରିମକର", ପ୍ରାଚୀନ ଜାଭାଭାଷାର "କାକାୱିନ ରାମାୟଣ", ଥାଇଭାଷାର "ରାମକିଏନ", ଲାଓଭାଷାର "ଫରା ଲାକ ଫରା ଲାମ" ଓ ବର୍ମୀୟ ଭାଷାର "ୟମ ଜାତଦ୍ୟା" ପ୍ରସିଦ୍ଧି ଲାଭ କରିଥିଲା ।

http://www.appsgeyser.com/4368717

ରାମାୟଣର ମୂଳ କାହାଣୀ ଅନେକ ଭାଷାର ଲେଖାରେ ଅକ୍ଷୁର୍ଣ୍ଣ ରହିଥିଲେ ମଧ୍ୟ ଏଥିରେ ପାର୍ଶ୍ୱ ଘଟଣାବଳୀ ଓ ଚରିତ୍ର ଚିତ୍ରଣରେ ବ୍ୟାପକ ପରିବର୍ତନ ଲକ୍ଷ୍ୟ କରାଯାଇଥାଏ । ଅନେକ ସ୍ଥଳରେ ସ୍ଥାନୀୟ ଘଟଣାବଳୀ, ସଂସ୍କୃତିର ପ୍ରବେଶ ଘଟିଥାଏ । ଉଦାହରଣ ସ୍ୱରୂପ "ଲାଖୟନ ଖାମର"ରେ କେରଳ ଓ ଲକ୍ଷ୍ୟାଦ୍ୱୀପରେ ମାପିଲା ଗୀତ ଆକାରରେ ରାମାୟଣର ଉପସ୍ଥାପନ କରାଯାଇଛି । ଥାଇଲାଣ୍ଡର  ୱାଟ ଫ୍ରା କେଉ ରାଜପ୍ରସାଦଠାରେ ଥିବା ରାଜମହଲର କାନ୍ଥରେ ରାମାୟଣର ଅଙ୍କିତ ଚିତ୍ର ବର୍ତମାନ ମଧ୍ୟ ରହିଛି । ଇଣ୍ଡୋନେସିଆର ଲୋକନୃତ୍ୟରେ ରାମାୟଣର କଥାବସ୍ତୁକୁ ବାଲେଟ ହିସାବରେ ଏବେ ମଧ୍ୟ ପ୍ରଚଳିତ ରହିଛି । ପପେଟ ନୃତ୍ୟ, ମୁରାଳ ଅଙ୍କନରେ ଲଙ୍କା ଯୁଦ୍ଧର ସବିଶେଷ ଚିତ୍ର ସବୁ ପ୍ରତିଫଳିତ ହେଇଥାଏ ।

ସଂସ୍କୃତ ରାମାୟଣ ସବୁ

ମୂଳ ବାଲ୍ମୀକି ପରେ ସଂସ୍କୃତରେ ଅନ୍ୟ ରାମାୟଣ ସବୁ ମଧ୍ୟ ରଚିତ ହେଇଥିଲା । ଏଥି ମଧ୍ୟରୁ କେତେକ ମୂଳ ରାମାୟଣର କାହାଣୀକୁ ପୁନର୍ବର୍ଣ୍ଣିତ ହୋଇଥିବା ସ୍ଥଳେ ଆଉ କେତେକ ରାମାୟଣରେ ଏଥିରେ ଥିବା ପାର୍ଶ୍ୱ କଥା ଉପରେ ଗୁରୁତ୍ୱ ଆଧାର କରି, ତଥା ଏହାର ଦାର୍ଶନିକ ଦିଗ ଉପରେ ବିଶେଷ ଆଲୋକପାତ କରି ଲେଖା ଯାଇଥିଲା । ଏହି ଭିନ୍ନ ରାମାୟଣ ମଧ୍ୟରୁ ମୁଖ୍ୟ ଗୁଡ଼ିକ ଏହିପରି,

ଆଧ୍ୟାତ୍ମ ରାମାୟଣ - ବ୍ୟାସଙ୍କ ରଚିତ ବ୍ରହ୍ମାଣ୍ଡ ପୁରାଣରେ ଅଧ୍ୟାତ୍ମିକ ଭାବନା ବିଶିଷ୍ଟ ରାମାୟଣ ରହିଥିବାର ଦେଖାଯାଏ । ଏହା ପରବର୍ତ୍ତୀକାଳରେ ସନ୍ଥ ତୁଳଶୀଦାସଙ୍କ ରଚିତ "ରାମଚରିତମାନସ"କୁ ପ୍ରଭାବିତ କରିଥିବାର ଲକ୍ଷ୍ୟ କରାଯାଇଥାଏ । ବାଲ୍ମୀକି ରାମାୟଣ ରାମଙ୍କ ମାନବୀୟ ଗୁଣ ଉପରେ ବିଶେଷତ୍ୱ ପ୍ରଦାନ କରୁଥିବା ବେଳେ ଅଧ୍ୟାତ୍ମ ରାମାୟଣ ତାଙ୍କର ଇଶ୍ୱରୀୟ ଗୁଣକୁ ବେଶିଭାବରେ ପ୍ରତିପାଦନ କରିଥାଏ । ଏଥିରେ ମଧ୍ୟ ବାଲ୍ମୀକି ରାମାୟଣ ପରି ସାତ କାଣ୍ଡ ରହିଛି ।

ବଶିଷ୍ଠ ରାମାୟଣ ( ଯୋଗ ବଶିଷ୍ଠ ଭାବରେ ମଧ୍ୟ ପରିଚିତ ) - ଏହା ମୁଖ୍ୟତଃ ମୁନି ବଶିଷ୍ଠ ଓ ରାମଙ୍କ ବାର୍ତ୍ତାଳାପଭାବରେ ରହି ବଶିଷ୍ଠଙ୍କ "ଅଦ୍ୱୈତ ବେଦାନ୍ତ" ବର୍ଣ୍ଣନା ଉପରେ ପର୍ଯ୍ୟବେକ୍ଷିତ । ଏଥିରେ ମୂଳ ରାମାୟଣର ଅନେକ କାହାଣୀ ଓ ଉଦାହରଣ ରହିଥିଲେ ମଧ୍ୟ, ଏଥିରେ ବାଲ୍ମୀକି ରାମାୟଣର ସମ୍ପୂର୍ଣ ବର୍ଣ୍ଣନା ନାହିଁ ।

ଲଘୁଯୋଗ ବଶିଷ୍ଠ - ଏହା କାଶ୍ମୀରର ଅଭିନନ୍ଦନାଅଙ୍କ ଦ୍ୱାରା ପ୍ରଣିତ ଓ ଏହା ଯୋଗ ବଶିଷ୍ଠର ସଂକ୍ଷିପ୍ତ ଅନୁବାଦ ।

http://www.appsgeyser.com/4368717

ଆନନ୍ଦ ରାମାୟଣ - ଏହା ବାଲ୍ମୀକି ନିଜେ ରଚନା କରିଥିବା କୁହାଯାଏ । ଏଥିରେ ରାମାୟଣର ମୁଖ୍ୟ କାହାଣୀ ସଂକ୍ଷିପ୍ତ ଭାବରେ ରହିଥିଲେ ମଧ୍ୟ ଏହା ମୁଖ୍ୟତଃ ପାର୍ଶ୍ୱବର୍ତ୍ତୀ କାହାଣୀ ସବୁର ବିଶଦ ବର୍ଣ୍ଣନା ଭାବରେ ଲିଖିତ ହେଇଥିଲା । ଏଥିରେ ସୀତାହରଣ ସମୟର ବର୍ଣ୍ଣନାରେ ରାମେଶ୍ୱରମଠାରେ ରାମଙ୍କ ଶିବ ଲିଙ୍ଗ ସ୍ଥାପନ ବିଷୟ ବର୍ଣିତ ହେଇଛି ।

ଅଗସ୍ତ୍ୟ ରାମାୟଣ - ଏହା ଅଗସ୍ତ୍ୟ ମୁନିଙ୍କ ଦ୍ୱାରା ରଚିତ ହେଇଥିଲା ।

ଅବଧୂତ ରାମାୟଣ - ଏହା ମଧ୍ୟ ବାଲ୍ମୀକି ରଚନା କରିଥିଲେ । ଏଥିରେ ସୀତା ଚରିତ୍ର ଓ ତାଙ୍କ ଜୀବନୀ ଓ ଅବଦାନ ବିଷୟକୁ ବିଶେଷ ଭାବରେ ଗୁରୁତ୍ୱ ଦେଇ ବର୍ଣ୍ଣନା କରାଯିଛି । ଏଥିରେ ରାବଣର ଜ୍ୟେଷ୍ଠଭ୍ରାତା ସହସ୍ର ମସ୍ତିଷ୍କ ବିଶିଷ୍ଟ ରାକ୍ଷାସର ବଧ ଘଟଣା ଉଲ୍ଲେଖ ରହିଛି । ଏହା ମୂଳ ରାମାୟଣରେ ଉଲ୍ଲେଖ ନାହିଁ ।

ରାମାୟଣର କାହାଣୀ ଗୁଡ଼ିକ ଭାରତୀୟ ହିନ୍ଦୁଧର୍ମର ଅନ୍ୟତମ ମହାକାବ୍ୟ ମହାଭାରତ ଓ ଧର୍ମ ପୁରାଣ ଭଗବତରେ ମଧ୍ୟ ଅନେକ ସ୍ଥାନରେ ଉଲ୍ଲେଖ ରହିଛି । ଭାଗବତ ପୁରାଣର ନବମ ସ୍କନ୍ଧରେ ରାମଙ୍କ କାହାଣୀ ରହିବା ସହ ବିଷ୍ଣୁ ପୁରାଣ ଓ ଅଗ୍ନି ପୁରାଣରେ ମଧ୍ୟ ରାମାୟଣର ସଂକ୍ଷିପ୍ତ ବର୍ଣ୍ଣନା ଦେଖାଯାଏ ।

ଏକାଦଶ ଶତାବ୍ଦୀର ସଂସ୍କୃତ ଲେଖା "ମହାନାଟକ"ରେ ରାମଙ୍କ ବିଷୟରେ ଉଲ୍ଲେଖ କରାଯାଇଛି । ଷଷ୍ଠ ଶତାବ୍ଦୀର ଏକ ରଚନା "ଦଶ ଗରିବ ରାକ୍ଷସ ଚରିତମବଧ"ରେ ବାଳକାଣ୍ଡ ଓ ଉତ୍ତରାକାଣ୍ଡ ନଥାଇ ମଧ୍ୟ ରାମଙ୍କୁ ମାନବୀୟ ଆକାରରେ ବର୍ଣ୍ଣନା କରାଯାଇଛି ।

ଆଞ୍ଚଳିକ ଭାଷାରେ ରାମାୟଣ

ବିଭିନ୍ନ ଭାରତୀୟ ଭାଷାରେ ରାମାୟଣ ଲିଖିତ ହେଇଥିଲା ।

ଆନ୍ଧ୍ରପ୍ରଦେଶ – ସପ୍ତକନ୍ଦ ରାମାୟଣ ଗୋଣା ବୁଦ୍ଧରେଡ୍ଡୀଙ୍କ ଦ୍ୱାରା ଲିଖିତ ଓ ଏହା ତେଲୁଗୁ କାବ୍ୟରେ ଲିଖିତ । ଶ୍ରୀ ବିଶ୍ୱନନ୍ଦ ସତ୍ୟନାରାୟଣଙ୍କ "ଶ୍ରୀମଦ୍ ରାମାୟନ କଳ୍ପବୃକ୍ଷୟମ" ଏକ ବହୁ ଆଦୃତ ଲେଖା ଓ ଏହାର କବି ଏଥିପାଇଁ ଜ୍ଞାନପୀଠ ପୁରସ୍କାର ପାଇଲେ ଓ ତାଙ୍କୁ ତେଲୁଗୁ ଭାଷାରେ କବି ସମ୍ରାଟ କୁହାଯାଏ ।

ଆସାମ - କଥା ରାମାୟଣ ୧୪ଶ ଶତାବ୍ଦୀରେ ମହାକବି ମାଧବ କନ୍ଦଳୀଙ୍କ ଦ୍ୱାରା ଲିଖିତ ହେଇଥିଲା ।

ଗୋଆ - ୧୫ଶ ଶତାବ୍ଦୀରେ କୃଷ୍ଣଦାଶଶର୍ମା "ରାମୟାନୁ" ରଚନା କରିଥିଲେ । ଏହା କୋଙ୍କଣୀ ଭାଷାରେ ରହିଛି ।

ଗୁଜୁରାଟ - ୧୬ଶ ଶତାବ୍ଦୀରେ କବି ପ୍ରେମାନନ୍ଦ ସ୍ୱାମୀ "ତୁଲାଷୀ କଥା ରାମାୟଣ" ନାମରେ ରାମାୟଣ ଲେଖିଥିଲେ ।

ଜାମ୍ମୁ ଓ କାଶ୍ମୀର - ୧୯ଶ ଶତାବ୍ଦୀରେ କାଶ୍ମିରୀ ଭାଷାରେ "ରାମଚରିତ ମାନସ" ଲେଖା ଯାଇଥିଲା ।

କର୍ଣାଟକ - କନ୍ନଡ଼ ଭାଷାରେ ୧୩ଶ ଶତାବ୍ଦୀରେ "କୁମୁଦେନ୍ଦୁ ରାମାୟଣ" ଓ ୧୬ଶ ଶତାବ୍ଦୀରେ "କୁମାର ବାଲ୍ମୀକି ତୋଭରେ ରାମାୟଣ" ତଥା ୧୩ଶ ଶତାବ୍ଦୀର "ରାମଚନ୍ଦ୍ର ଚରିତ ପୁରାଣ" ରଚିତ ହେଇଥିଲା ।

କେରଳ - ମଲୟାଲମ ଭାଷାରେ "କାନନସା ରାମାୟଣ" ନାମରେ ନିରାନାମ ରାମ ପାଣିକରଙ୍କ ଦ୍ୱାରା ୧୬ଶ ଶତାବ୍ଦୀରେ ଲିଖିତ ହେଇଥିଲା । ଅନ୍ୟ ଏକ ରାମାୟଣ "ମପ୍ପିଲା ରାମାୟଣ" ସେଠାକାର ମୁସଲିମ ସଂପ୍ରଦାୟ ଦ୍ୱାରା ଆଦୃତ ।

ମହାରାଷ୍ଟ୍ର - ମରାଠୀ ଭାଷାରେ "ଭାବାର୍ଥ ରାମାୟଣ" ୧୬ଶ ଶତାବ୍ଦୀରେ ଏକନାଥଙ୍କ ଦ୍ୱାରା ରଚିତ ହେଇଥିଲା । ୧୨ଶ ଶତାବ୍ଦୀ ମରାଠୀ ଲେଖାରେ ମଧ୍ୟ ରାମାୟଣ ବିଷୟ ବସ୍ତୁ ରହିଥିଲା ।

ତାମିଲନାଡୁ - ତାମିଲ ଭାଷାରେ "କାମବାରମାୟନ" କବି କାମବାନଙ୍କ ଦ୍ୱାରା ୧୨ଶ ଶତାବ୍ଦୀରେ ରଚିତ ହେଇଥିଲା ।

ଉତ୍ତରପ୍ରଦେଶ - ୧୬ ଶ ଶତାବ୍ଦୀରେ ଗୋସ୍ୱାମୀ ତୁଳସୀଦାସ "ରାମଚରିତମାନସ" ଲେଖିଥିଲେ । ଏହା ଉତ୍ତର ଭାରତରେ ବହୁତ ଜନପ୍ରିୟତା ହାସଲ କରିଥିଲା ।

ଓଡ଼ିଆ ଭାଷାରେ ରାମାୟଣ

ଓଡ଼ିଆ ଭାଷାରେ ଅନେକ ରାମାୟଣ ରଚିତ ହେଇଥିଲେ ମଧ୍ୟ ସେଥି ମଧ୍ୟରୁ ୧୫ ଶ ଶତାବ୍ଦୀର ଭକ୍ତକବି ମଧ୍ୟରୁ ପଞ୍ଚସଖାର ଅନ୍ୟତମ କବି ବଳରାମ ଦାସଙ୍କ ରଚିତ ରାମାୟଣ ସର୍ବାପେକ୍ଷା ବେଶି ଆଦୃତ ହେଇଆସିଛି । ଏହି ରାମାୟଣ "ଜଗମୋହନ ରାମାୟଣ" ବା "ଦାଣ୍ଡି ରାମାୟଣ" କୁହାଯାଇଥାଏ ଓ ତାହା ଓଡ଼ିଆ ଭାଷାର ସମ୍ପୂର୍ଣ ରାମାୟଣ ଭାବରେ ରହିଛି ।

http://www.appsgeyser.com/4368717

ଭିନ୍ନ ଧର୍ମ ରେ ରାମାୟଣ

ହିନ୍ଦୁ ଧର୍ମ ସହ ରାମାୟଣକୁ ପୃଥିବୀର ଅନେକ ଧର୍ମରେ ସ୍ୱୀକୃତି ଦିଆଯାଇ ତାହାର ଉଦାହରଣ ଦିଆ ଯାଇଥିବାର ଦେଖା ଯାଇଥାଏ ।

ବୌଦ୍ଧ ଧର୍ମ - "ଦଶରତ ଜାତକ" ନାମରେ ବୌଦ୍ଧ ଧର୍ମ ପୁସ୍ତକରେ ରାମ ଓ ସୀତାଙ୍କ ବିଷୟ ଉଲ୍ଲେଖ ଓ ବର୍ଣ୍ଣନା ରହିଛି । ଏଥିରେ ରାମ ଓ ସୀତା ବାଲ୍ୟ ବିବାହ କରିଥିବା କଥା ସହ ବୁଦ୍ଧ ନିଜେ ରାମଙ୍କ ବଂଶ "ଇଛ୍ଵାକୁ" ବଂଶ ଜାତ ହେଇଥିବା କଥା ଉଲ୍ଲେଖ ରହିଛି ।

ଜୈନ ଧର୍ମ - ଏକ ମୁଖ୍ୟ ଜୈନ ସାହିତ୍ୟ ପୁସ୍ତକ "ପୌମାଚରିୟାମ"ରେ ଜୈନ ଚରିତ୍ର ହିସାବରେ ରାମାୟଣର ଚରିତ୍ର ମାନଙ୍କୁ ବର୍ଣ୍ଣନା କରାଯାଇଛି । ଏଥିରେ ରାମ ଓ ସୀତା ଆଶ୍ରମକୁ ନ ଯାଇ ଜୈନ ତୀର୍ଥ ଯାଇଥିବାର ଉଲ୍ଲେଖ କରା ଯାଇଛି ।

ଭାରତ ବାହାରେ ରାମାୟଣ

ଷଷ୍ଠ ଶତାବ୍ଦୀ ଆଡ଼କୁ ଭାରତୀୟ ବଣିକମାନେ ଜାହାଜ ସାହାଯ୍ୟ ଅନେକ ଦେଶକୁ ବଣିଜ କରିବାକୁ ଯାଉଥିଲେ ଓ ଅନ୍ୟ ଦୂର ଦେଶର ପରିବ୍ରାଜକ ମାନେ ଭାରତକୁ ଆସିଥିଲେ । ତାଙ୍କ ଜରିଆରେ ରାମାୟଣର ବାରତା ବିଭିନ୍ନ ଦେଶକୁ ପ୍ରସାରିତ ହେଇଥିଲା । ଏହା ଫଳରେ ଭାରତ ବାହାରେ ଅନେକ ଦେଶରେ ଏହି ସବୁ ରାମାୟଣର ପ୍ରଚଳନ ଆଜି ଯାଏ ରହିଛି ।

ଚୀନ ଓ ତିବ୍ବତ ଦେଶରେ ଦୁଙ୍ଘୁଆଙ୍ଗ ପାଣ୍ଡୁଲିପିରେ ରାମାୟଣର ବର୍ଣ୍ଣନା ରହିଛି ।

ୟୁନାନ ଠାରେ "ଲେଙ୍ଗ କା ସିପ ହର"

ଜାପାନ - "ରାମାୟେନ୍ନା" ବା "ରମଣଶୋ"

କମ୍ବୋଡିଆ - ରେୟାମକର

ଇଣ୍ଡୋନେସିଆ, ବାଲି - ରାମକାଭାକ, ଜାଭା - କାକାବିନ ରାମାୟଣ, ଯୋଗେଶ୍ୱର ରାମାୟଣ, ସୁମାତ୍ରା - ରାମାୟଣ ସ୍ୱର୍ଣ୍ଣ ଦ୍ୱୀପ

ଲାଓସ - ଫେର ଲକ ଫେରା

ନେପାଳ - ସିଦ୍ଧି ରାମାୟଣ ଭକ୍ତୁକୋ ରାମାୟଣ

http://www.appsgeyser.com/4368717

ଶ୍ରୀଲଙ୍କା - ଜାନକୀ ହରଣ

ଇରାନ - ଦାସତାନ ରାମ-ଏ-ସୀତା

ସମସାମୟିକ ଗଦ୍ୟ ରାମାୟଣ

ସମସାମୟିକ କାଳରେ ଗଦ୍ୟ ରୂପରେ ମଧ୍ୟ ରାମାୟଣ ଲିଖିତ ହେଉଥିଲା । କନ୍ନଡ଼ ଭାଷାରେ କେ . ଭି. ପୁଟ୍ଟପ୍ପାଙ୍କ "ରାମାୟଣ ଦର୍ଶନମ" ଓ ତେଲୁଗୁ ଭାଷାରେ ବିଶ୍ୱନାଥ ସତ୍ୟନାରାୟନଙ୍କ "ରାମାୟନକଲ୍ପବୃକ୍ଷ୍ୟମ" ଗଦ୍ୟ ଆକାରରେ ରହିଥିଲା ଓ ଉଭୟ ସେଥି ନିମନ୍ତେ 'ଜ୍ଞାନପୀଠ' ପୁରସ୍କାର ପାଇଥିଲେ । ମରାଠୀରେ ଗଦ୍ୟ ଆକାର ରେ "ଗୀତ ରାମାୟଣ " ଲେଖାଯାଇ ତାହା ପରେ ସୁଧୀର ଫାଦକେଙ୍କ ଦ୍ୱାରା ସ୍ୱର ସଂଯୋଜନାରେ କବିତା ଭାବରେ ପ୍ରସିଦ୍ଧି ହାସଲ କରିଥିଲା । ଇଂରାଜୀ ଭାଷାରେ ମାର୍ଟିନ ବକଲେ ରାମାୟଣକୁ ଆଧାର କରି ଭ୍ରମଣ କାହାଣୀ ଲେଖିଥିଲେ ।

ରାମାୟଣର ସାମାଜିକ ବ୍ୟବହାର

ରାମାନନ୍ଦ ସାଗରଙ୍କ ଟିଭି ଧାରାବାହିକ "ରାମାୟଣ" ଦର୍ଶକଙ୍କ ଦ୍ୱାରା ବହୁଳ ଭାବରେ ଆଦୃତ ହେଇଥିଲା । ସଞ୍ଜୟ ଖାନ ୧୯୯୦ ଦଶକରେ ରାମାୟଣ ଉପରେ ଆଧାର କରି "ଜୟ ହନୁମାନ" ନାମକ ଫିଲ୍ମ ନିର୍ମାଣ କରିଥିଲେ । "ରାମାୟଣ" ନାମକ ଏକ ଜାପାନୀ ଫିଲ୍ମ  ଏକ ଆନିମେସନ ଫିଲ୍ମ ହିସାବରେ ମଧ୍ୟ ନିର୍ମିତ ହେଇଥିଲା । ୧୯୭୮ ମସିହାରୁ କାଲିଫର୍ଣ୍ଣିଆର ବାତସାନଭିଲଲେ ଠାରେ ରାମାୟଣ ବାବା ହରଦାସଙ୍କ ଦ୍ୱାରା ଅଭିନୀତ ହେଇଆସୁଛି । ଯୁକ୍ତରାଷ୍ଟ୍ର ଆମେରିକାର ସାନ ଜୋସଠାରେ ରାମାୟଣର କାହାଣୀକୁ ଆଧୁନିକୀକରଣ କରାଯାଇ ପ୍ରଦର୍ଶନ କରାଯାଉଛି । ଚିତ୍ରକାର ବିକାଶ ଗୋୟେଲ ଓ ଲେଖକ ବିଜୟେନ୍ଦ୍ର ମହାନ୍ତି ଏକ ୧୦ - ଭାଗ କାର୍ଟୁନ ଧାରାବାହିକ ନିର୍ମାଣ କରିଛନ୍ତି  । ଏଥିରେ ରାବଣ  ଚରିତ୍ରକୁ ବିଶେଷ ଭାବରେ ପ୍ରଦର୍ଶନ କରାଯାଇଛି ।

ଅବସରପ୍ରାପ୍ତ ଅଧ୍ୟକ୍ଷ

ଟିଟିଲାଗଡ଼ ମହାବିଦ୍ୟାଳୟ

http://www.appsgeyser.com/4368717

# ସ୍ୱପ୍ନ



ଆଶୁତୋଷ ମେହେର

(୧)
ସ୍ୱପ୍ନର
କ'ଣ ରଂଗ ଥାଏ ?
ଫୁଲ ପରି ରଂଗବେରଙ୍ଗୀ,
ଇନ୍ଦ୍ରଧନୁ ପରି ସାତରଙ୍ଗୀ,
ନା' ମରୁଭୂମି ବାଲି ପରି ଧୂସର ??

ନୋହିଲେ କେମିତି
ସ୍ୱପ୍ନ ସବୁ ବୁଣି ହୋଇ
ଚିତ୍ରିତ ହୋଇଯାଏ
ଚିତ୍ରକରର ରଙ୍ଗ ଫୁଆରାରେ
ଜୀବନର କାନଭାସ ଉପରେ !!

(୨)
ସ୍ୱପ୍ନର
କ'ଣ ଭାଷା ଥାଏ ?
ପାହାଡୀ ଝରଣା ପରି କୁଳୁକୁଳୁ,
ନଈ ଧାରର ଶବ୍ଦ ଝରଝର,
ନା' ସମୁଦ୍ରର ଘୋର ଗର୍ଜନ ??

ନ ଥିଲେ କେମିତି
ସ୍ୱପ୍ନ ସବୁ ରୂପାୟିତ ହୁଏ
ଲେଖା ହୋଇ ଯାଏ,
ଲେଖକର କଲମ ମୁନରେ
କବିତା' ର ଧାଡିରେ ଧାଡିରେ !!



୫୪, ଆର୍ଯ୍ୟପଲ୍ଲୀ
କିଟ ଛକ,ପଟିଆ
ଭୁବନେଶ୍ୱର-୨୪
ଦୂରଭାଷ- ୯୪୩୭୦୮୫୩୯୭

http://www.appsgeyser.com/4368717

# ପ୍ରେମ ନୁହେଁ ଅପରାଧ




ବିନୟ ମହାପାତ୍ର

ମୁଁ ଜାଣେ, ତୁମେ ଜାଣ,
ହେଲେ, ସବୁ କିଛି ଜାଣି ଶୁଣି,
ନିତି ନିତି ଏଇ ମିଡି କିଛି ନ ଜାଣି ବାର,
ତୁମର ଏ ବାହାନା,
ସତରେ, ଭାରି ଭଲ ଲାଗେ ।
ନିତି ଦିନ ଏଇ ଲୁଚକାଳି ଖେଳ,
ଲୁଚିବାର ଜାଗା ଜାଣି ଜାଣି,
ଆଖି ବୁଜି ଖୋଜିବାର ଅଭିନୟ,
ସାଥି କୁ ଟିକେ ହସାଇବା ର ଏ ବାହାନା,
ସତରେ ବଡ ରୋମାଞ୍ଚକ ଲାଗେ ।
ବୋଧ ହୁଏ,
ଏଇ ଲୁଚକାଳି ଖେଳର ନାଆଁ,
ପ୍ରେମ ବୋଲି କୁହା ଯାଏ ।
ନିତି ଦିନ ତୁମ ଦିଆ ଗୋଲାପ ଟି,
ତୁମ ଖୋଲା ପ୍ରେମ ପତ୍ର ପରି,
ସେ ଚିଠି ରେ ନା' ଲେଖା ଥାଏ,
ପ୍ରିତି କଥା, ବିରହ ର ବ୍ୟଥା,
ନା ଲେଖା ଥାଏ ନାଆଁ, ଗାଆଁ, ଠିକଣା,
କେବଳ ଲେଖା ଥାଏ,
ପ୍ରେମର ଅଢେଇ ଅକ୍ଷର,
ତୁମରି ଗୋଲାପି ସ୍ୱାକ୍ଷର ।
ତୁମ ହୃଦୟ ର ମିଠା ପିରତି ର ଭାଷା,
ଓଠ ସିନା କହି ପାରେ ନାହିଁ,

ହେଲେ ତୁମ ଲାଜକୁଳି ଆଖି,
ତୁମ ପ୍ରେମ ଲୁଚାଇ ପାରେନା ।
ସବୁ କିଛି କହି ଯାଏ,
ମନ ମୋର ବୁଝି ଯାଏ,
ତମେ ମୋତେ କେତେ ଭଲ ପାଅ,
ଆଖି ତୁମ ବାରମ୍ବାର କହି ଯାଏ,
ତୁମ ମୌନ ସ୍ୱୀକୃତି,
ନୀରବ ରେ ଦେଇ ଯାଏ ।
ପ୍ରେମ କୁ ନା ଭାଷା ଲୋଡା,
ପ୍ରେମ କୁ ନା ଆଶା ଲୋଡା,
ଏଇମିତି କଥା ସିଏ,
ନ କହି ବି କହି ଯାଏ ମନ କଥା,
କେତେ ବା ଲୁଚାଅ, ଅଣ୍ଟି ର ନିଆଁ ସିଏ,
ନା' ଲୁଚାଇ ପାରିବ, ନା' ଲୁଚି ରହି ଯିବ,
ଧୁଆଁ ଉଠି ନିଆଁ ତ ଜଳିବ ଦିନେ,
ହୃଦୟ କୁ ଜାଳିବାକୁ ଆଉ କେତେ ଦୁର ?
ଏଇ ଲୁଚକାଳି ଖେଳ ଆମେ,
ଅତି ବେଶି ଖେଳି ସାରିଲେଣି,
ଆସ ପ୍ରିୟେ, ଖୋଲି ଦେବା ମନ କଥା,
ଦୁନିଆ କୁ ଡରୁ ଥିବା ଯେତେ ଦିନ,
ଏଇ ମିତି ସିଏ ନିତି ଡରାଇବ,
ଡରିକି ହୁଏନା ପ୍ରେମ,
ଜାଣି ନିଅ ଏଇ କଥା ମୋର,
ପ୍ରେମ କିଛି ଅପରାଧ ନୁହେଁ ।

http://www.appsgeyser.com/4368717

# ଏଇଠୁ ସକାଳ



ଦିଲିପ କୁମାର ତ୍ରିପାଠୀ

ସେ ପୁଣି ଉଠିବ !

ହଉ ପଛେ ଢିରା ଦେଇ

ମନର ଧସଡା କାନ୍ଥ ,

ପୁଣି ଚଉତେଇ ରଖିବ

ଆଲୁରୁ ବାଲୁରୁ ସ୍ୱପ୍ନ ସବୁକୁ ,

ଭୋର୍ ସକାଳୁ ନେସି ଦବ ଆଖିରେ

ଗଲା କାଲି ରାତିର ବଳକା ନିଦ ପଛେ

ଆଖି ତରାଟି ଦେଖିବ ରାତିର ସୌନ୍ଦର୍ଯ୍ୟ;

ଏକାନ୍ତ ର ଐଶ୍ୱର୍ଯ୍ୟ ରେ ପୂରିଥିବା

ଘରର ଚାରି କୋଣ ।

ହାତ ଆଉ ଯିବନି ସାଉଁଟିବାକୁ

ଭୁଇଁରୁ ଛିଣ୍ଡା ଗଜରାର ଉଦାସୀ ଟୁକୁରା ,

ଭୋକରେ ନିଦ ଯିବ ପଛେ ମାଗିବନି

ତୁଣ ଟିକେ, ଲୁଣ ଟିକେ

ଜୀରା କି ସୋରିଷ ଟିକେ

ରଜା-ଝିଅ କୁ ।

ଅଡ କରି ଠିଆ ହେଇ ଆକାଶକୁ ଛୁଇଁଥିବା

ଅସ୍ଥିର ପାହାଡ ଆଗରେ ନେହୁରା ହବ

ରାସ୍ତା ଦବାକୁ ,

ନହେଲେ ଲହୁଲୁହାଣ ହେଇ ଚଢିବ;

ଗାର କାଟି ଟାଣି ଦବ ନିଜ ରାସ୍ତା ।

ତକିଆ ତଳେ ଚାପି ରଖିବ

ଯେତେସବୁ ଅସ୍ପଷ୍ଟ କଳା ଛାଇ ମାନଂକୁ ,

ଅନ୍ଧାରି ଗଳି ଦେଇ ଗଲାବେଳେ

ଛାତିରେ ଲେଥାଏ ଛେପ ପକେଇ ଦବ

ହେଲେ , ଖୋଜିବନି କାହାରି ଉପସ୍ଥିତି ,

ସକାଳୁ ରାତି ଯାଏ ଦେଖୁଥିବ ନିଜକୁ

ଜଗିଥିବ ଚାରିଖୁରାକୁ , ହବାକୁ ସ୍ଥିତପ୍ରଜ୍ଞ ।

ଅଂକ କଷୁ କଷୁ ନିଦ ଆସିଲେ

ବୁଝେଇବ –“ଜମା ଶୋଇବୁନି,

ପାଠ ପଢିବୁ ,ବଡ ମଣିଷ ହବୁ

ରଜା ଝିଅ କୁ ବାହା ହବୁ ପରା”

http://www.appsgeyser.com/4368717

# କଳାଜାଇ



ପ୍ରଶାନ୍ତ କୁମାର ନାଥ

ମତେ ଲୋ ପାଗଳ କରିଅଛି ପ୍ରିୟା

ତୋ ଓଠର କଳାଜାଇ

କେଜାଣି କାହିଁକି ସେହି କଳାଜାଇ

କରିଛି ମତେଲୋ ବାଇ ।

ଗୋରା ଗାଲେ ତୋର ହସ ଖେଳିଗଲେ

ସୁନ୍ଦରୀ ଦିଶୁଛୁ ବେଶି

ହସ ସାଥେ ତୋର କଳାଜାଇ ଦେଖି

ଆଖିଟା ଯାଉଛି ଲାଖି ।

ଜହ୍ନ ପରି ତୋର ମୁହଁଟି ସୁନ୍ଦରୀ

ତା ଦେହେ ତିଳକ ଚିହ୍ନ

ମନଟାକୁ ଯେତେ ବାନ୍ଧି ରଖୁଥିଲେ

ବୁଝୁ ନାହିଁ ମୋର ମନ ।

ସୁନ୍ଦରପୁର, ଉତ୍ତରକୂଳହାଟ୍, ପ୍ରୀତିପୁର, ଯାଜପୁର ।

ମୋ-୦୮୮୯୨୩୦୧୧୪୩

http://www.appsgeyser.com/4368717

# ମୋ ପ୍ରେମିକା, ଅମଲା ଓ ନେତା



ଇଂ ଶାରଦା ପ୍ରସାଦ ପରିଡା

ମୋ ଇଂରାଜୀ ମାଧ୍ୟମ ପ୍ରେମିକା
ଅବା ହୁଅନ୍ତୁ
ଅମଲା କି ନେତା
ସମସ୍ତେ ଏକାପରି ;
ଓଡ଼ିଆରେ ପଢ଼ିଲେ କବିତା
କେହି ବୁଝନ୍ତିନି
ଖାଲି ଦାନ୍ତ ଦେଖେଇ
ହସନ୍ତି ତାଳି ମାରି ।

ମୁଁ ପ୍ରେମିକାକୁ ଲେଖିଲେ
ଓଡ଼ିଆରେ ଖବର,
ବିଦେଶୀ ରଙ୍ଗ ବୋଳା
ତା ଦେଶୀ ମୁହଁରେ
ପଡ଼ିଯାଏ ଗାର;
ଯେମିତି ବଡ଼ବାବୁଙ୍କୁ
ଓଡ଼ିଆ ଦେଖିଲେ
ଟେବୁଲ ଉପରେ ଅଚାନକ
ମାଡ଼ିବସେ ଜ୍ୱର ।

ମାତ୍ର ଆମ ନେତାଙ୍କର
କିଛି ଯାଏ ଆସେ ନାହିଁ


ଅମଲା କଥାରେ ମୁଣ୍ଡ ଟୁଙ୍ଗାରନ୍ତି
ଭଲ ମନ୍ଦ ବୁଝିବାକୁ
ତାଙ୍କୁ ଫୁରୁସତ କାହିଁ ।

ହେ ପ୍ରଭୁ ତୁମେ ରକ୍ଷା କର;
ନାଡ଼ି ଚିପିଚିପି ଥକିଲେଣି ବଇଦ
ବେଲୁ ବେଳ ବ୍ୟାପୁଛି
ରାଇଜ ଯାକ
ଏ ଅସାଧ୍ୟ ହିଂରାଜୀ ଜର
ଏବେ,
ମୃତ ହୃଦୟରେ ଓଡ଼ିଆର
ଦିଅ ଭାଷା ପ୍ରେମ ଉପଚାର ।

ଅଧ୍ୟାପକ, ମେକାନିକାଲ ଇଂଜିନିୟରିଂ,
କୋଣାର୍କ ବିଜ୍ଞାନ ଏବଂ ବୈଷୟିକ ମହାବିଦ୍ୟାଳୟ, ଖୋର୍ଦ୍ଧା

http://www.appsgeyser.com/4368717

# ଉଧାର



ଦିଲିପ୍ କୁମାର ତ୍ରିପାଠୀ

ଅଫିସରୁ ଫେରି କ୍ଲାନ୍ତ ଦେହଟାକୁ
ନିର୍ଜୀବ ବେଡ଼ ଉପରେ ଅଜାଡ଼ି ଦେଇ
ଟିକେ ଶୋଇଚି କି ନାଇଁ, ତମେ ଡାକି ଦିଅ
"ହେଇ, ଉଠ ଚା' ପିଇବ"
ମୁଁ ଉଠେ, ଆଉ ଚା' ବି ପିଏ ।

ଏଇ ଧରା ବନ୍ଧାର ମିଛ ଜୀବନ ବି
ମୋତେ ଭଲ ଲାଗେ ।

କାହା ଉପରେ କେଜାଣି
କିନ୍ତୁ ମୁଁ ରାଗେ
ଅଭିମାନରେ ମୁହଁ ଫୁଲାଏ
ଭାବେ, ଆସିବ ! ନିଶ୍ଚୟ ଆସିବ !
କିଏ ତ ହେଲେ ଜାଣି ପାରିବ
କାହିଁକି ମୁଁ ପଛ କରି ଛିଡ଼ା ହେଇଛି
ସାରା ଦୁନିଆ କୁ ।

ହେଲେ, କେହି ଆସନ୍ତିନି ମ !
ବୋଧେ ସବୁ ଡରନ୍ତି

କାଲେ ତମେ ଫେରି ଆସି ମାଗି ବସିବ
ତମ ଭାଗର ଭଲ ପାଇବା ।

ମୋ ଭାବନାରେ ତମ ଭାବନା
କେତେ ମିଶେ ମୁଁ ଜାଣେନା
ହେଲେ, ଏଇ ମିଛ ଭାବନା
ମୋତେ ଭଲ ଲାଗେ ।

ସବୁ ଧାଁ ଧଉଡ଼ ଭିତରେ ବି
ଭଲ ଲାଗେ ବଂଚିବାକୁ
କିଛି ସମୟ ତମ ନାଁରେ ।

# ଆତ୍ମହତ୍ୟା



ହିମାଂଶୁ ଶେଖର ବାରିକ୍

ଜୀବନ ନୁହଁଇ ଗୋଲାପ ଶୟନ
ଫୁଲ ଆଉ କଣ୍ଟା କରେ ଆଗମନ;
ଗରିବ ହେଉକି ଭାରତ ଶାସକ
ଦୁଃଖର କଷଟି ଦେଖଇ ପ୍ରତ୍ୟେକ ॥

ଦୁଃଖେ ଉଦ୍‌ବିଗ୍ନ ସୁଖେ ଅଭିଭୂତ
ଉଚିତ ନୁହଇ ଶାସ୍ତ୍ର ଅଭିମତ;
ଆଲୋକ ଗୁରୁତ୍ୱ ଅନ୍ଧାର ଦେଖାଏ
ସୁଖର ଆନନ୍ଦ ଦୁଃଖ ଦେଇ ଥାଏ ॥

ରାଜା ହୋଇ ରାମ ଗଲେ ବନବାସ
ପୀଡ଼ା ଦେଲେ ତାଙ୍କୁ କେତେ ଯେ ରାକ୍ଷସ;
ଧଇର୍ଯ୍ୟ ସହିତେ ହେଲେ ସମ୍ମୁଖୀନ
ଅପସରି ଗଲା ସମସ୍ତ କଷଣ ॥

ରାଜା ନଳ ରାଣୀ ଦମୟନ୍ତୀ କଥା
ସହିଲେ ଜୀବନେ ଅତିଶୟ ବ୍ୟଥା;
ଶେଷେ ନିଜ ରାଜ୍ୟ ପାଇଲେ ଫେରସ୍ତ

http://www.appsgeyser.com/4368717

କାଟିଲେ ଜୀବନ ହୋଇ ଆନନ୍ଦିତ ॥

ଭାରତ ସ୍ୱାଧୀନ ସଂଗ୍ରାମ ସମୟେ
କେତେ ଯେ କଷଣ ସହିଲେ ନେତାଏ;
ଆଣିଦେଲେ ଶେଷେ ସ୍ୱାଧୀନତା ସ୍ୱାଦ
ଯାହା ପାଇଁ ଆଜି ହେଉଛୁ ଗର୍ବିତ ॥

ଦୁଃଖ ସମୟରେ ହୋଇ ଉଦ୍‌ବିଗ୍ନ
ଆତ୍ମହତ୍ୟା କରେ କାପୁରୁଷଗଣ;
ଆତ୍ମହତ୍ୟା ଆଣେ ନାହିଁ ସମାଧାନ
ମୃତ୍ୟୁ ପରେ ମଧ୍ୟ କରେ ଉତ୍ପୀଡ଼ନ ॥

ବିକୃତ ମାନସିକତା ଆତ୍ମହତ୍ୟା
ନିରାଶାବାଦର ଇଏ ପ୍ରବଣତା;
ଜୀବନ ଯେ ଅଟଇ ଆନନ୍ଦମୟ
ବୁଝିବାକୁ ଏହା ଦିଏନା ସମୟ ॥

ନୂଆ ଏଆଇଜି କଲୋନୀ,
ଭୁବନେଶ୍ୱର, ଓଡ଼ିଶା

http://www.appsgeyser.com/4368717

# ମା - ବାପା



ପ୍ରଶାନ୍ତ କୁମାର ନାଥ

ତୁମରି ଆଶିଷ ଥିଲେ ମୋ ଉପରେ
ମନ୍ଦିରକୁ କାହିଁ ଯିବି
ତୁମେ ପରା ଅଟ ଦେବାଦେବୀ ମୋର
ତୁମ ପାଦ ପୂଜୁଥିବି ।
ମାଆର ପଣତ ଥିଲେ ମୋ ମଥାରେ
କୋଠାବାଡ଼ି କିସ ଲୋଡ଼ା
ଆଶୀର୍ବାଦ ହାତ ବାପାଙ୍କର ଥିଲେ
ଲୋଡ଼ାନାହିଁ ଗାଡ଼ି ଘୋଡ଼ା ।
ମାଆ ହାତରନ୍ଧା ଶାଗ ଓ ପଖାଳ
ମୋ ପାଇଁ ଅବଢ଼ା ପରି
ବାପା ଦେଉଥିବା ହାତ ଖର୍ଚ୍ଚ ସତେ
ମୋ ପାଇଁ ଦାମିକା ଭାରି ।
ଡାକ୍ତରଖାନାକୁ କାହିଁକି ଯିବି ମୁଁ
ହୋଇଥିଲେ ମୋତେ ଜ୍ୱର
ବାପାମାଆଙ୍କର ସ୍ନେହ ମମତାରେ
ହୋଇଯାଏ ତାହା ଦୂର ।
ସବୁଠାରୁ ବଡ଼ ବାପା ମାଆ ମୋର
ତାଙ୍କ ପରି କେହିନାହିଁ,
ତାଙ୍କରି ସିନିହ ମମତାରେ ଗଢ଼ା
ମଣିଷଟେ ଅଟେ ମୁହିଁ ।

ସୁନ୍ଦରପୁର, ଉତ୍ତରକୂଳ ହାଟ, ପ୍ରୀତିପୁର
ଯାଜପୁର, ଓଡ଼ିଶା

http://www.appsgeyser.com/4368717

# ଦୁଇଟି ଅଣୁଗଳ୍ପ



ଦୀପକ ଷଡଙ୍ଗୀ

## ପରୀକ୍ଷା

"ଏଥର କପିର ଚାନ୍ସ ନାହିଁ । କପି ଦେଖିଲେ ଖାତା ଛଡ଼େଇ ନେଇ ଏମ୍‌ପି କରିଦିଅ । ଗେଟରେ ଭଲ କି ଚେକିଂ କର" ସ୍କୁଲର ମୁଖ୍ୟ ଫାଟକ ଆଗରେ ଛିଡ଼ା ହୋଇ ବଡ଼ ଗମ୍ଭୀର ଭାବରେ ପରୀକ୍ଷା ସୁପରିଟେଣ୍ଡେଣ୍ଟ ପରୀକ୍ଷାର୍ଥୀ ଓ ଅଭିଭାବକ ମାନଙ୍କ ଆଡ଼କୁ ଚାହିଁ କହୁଥାନ୍ତି ।

ସମସ୍ତଙ୍କ ମୁହଁରେ ଗୋଟିଏ କଥା ସୁପରିଟେଣ୍ଡେଣ୍ଟ ଭାରି କଡ଼ା ଦେଖିଲା ମାନେ ପରା ଏମ୍‌ପି କରିଦେବେ ।

ପରୀକ୍ଷା ଆରମ୍ଭର କିଛି ସମୟ ପରେ ପୁରା ପଚାଶ ମାର୍କ୍‌ର ମଲ୍‌ଟିପଲ୍ ଚୟେସର ଉତ୍ତର ଗୁଡ଼ା ଡାକି ସାରି ହଲରୁ ବାହାରୁ ବାହାରୁ ସୁପରିଟେଣ୍ଡେଣ୍ଟ ମହାଶୟ ରାଗ ଗରଗର ହେଇ କହୁଥିଲେ ଯେ "ଲାଷ୍ଟ ବେଞ୍ଚ୍ ପିଲା ଦି'ଟାଙ୍କୁ ଏମ୍‌ପି କରିଦିଅ, ତମେ ମାନେ ଫେଲ୍ ହୁଅ କି ପାସ୍ ହୁଅ ଆମେ କିଆଁ ଏତେ ରିସ୍କ ନବୁ ଯେ..." ।

## ପାଏସ୍ ଭୋଜି

ପରୀକ୍ଷା ଶାନ୍ତି ଶୃଙ୍ଖଳାର ସହ ପରିଚାଳିତ ହୋଇ ଥିବାରୁ ଶେଷ ଦିନ ଏକ ଭୋଜିର ଆୟୋଜନ କଲେ ସୁପରିଟେଣ୍ଡେଣ୍ଟ ମହାଶୟ । ଚିକେନ୍ ହାଡ଼କୁ କାଡୁମାଡୁ କରି ଚୋବାଉ ଚୋବାଉ ଜଣେ ପରୀକ୍ଷକ ସୁପରିଟେଣ୍ଡେଣ୍ଟ ମହଶୟଙ୍କୁ କହିଲେ "ସାର୍ ମଟନ୍ ଟିକେ ହେଇଥିଲେ ଭଲ ହେଇଥାନ୍ତା" ।

ସୁପରିଟେଣ୍ଡେଣ୍ଟ ମହାଶୟ ଚିକେନ୍ ଝୋଳକୁ ହାପୁଡୁ ହାପୁଡୁ କହିଲେ ମୁଁ ତ କହୁଥିଲି ଲାଷ୍ଟ ଅଧଘଣ୍ଟାରେ ଲଙ୍ଗ୍ କୋଶ୍‌ଚିନ ଦି'ଟା ଡାକି ଦିଅ ବୋଲି କେହି ତ ଶୁଣିଲନି । ସେତିକି ଯଦି ତମେ ମାନେ କରିଥା'ନ୍ତ ତେବେ ଆଜି ମଟନ କଣ ତା ସହ ପାଏସ୍ ବି ହୋଇଥାନ୍ତା ।

ଅଧ୍ୟାପକ, ରୋଲାଣ୍ଡ ଫାର୍ମାସୀ କଲେଜ
ଖୋଡାସିଂଗି, ବ୍ରହ୍ମପୁର – ୧୦

# ହୋଲି



ସନାତନ ମହାକୁଡ଼

ଆସରେ ଆସ ସଭିଏଁ ଆସ
ଋତୁରାଜଙ୍କ ପାଖରେ ବସ ।
ବଉଳଭରା ଆମ୍ବର ଡାଳେ
କୋଇଲି ଡାକେ କୁହୁର ତାଳେ ।
ଭଅଁର ଆଉ ପରଜାପତି
ମଧୁଚୁମ୍ବନ୍ତି ଆନନ୍ଦେ ଅତି ।
ଦୋଳମଣ୍ଡପେ ରାଧା ଗୋବିନ୍ଦ
ଦେଖି ସଭିଙ୍କ ମନ ଆନନ୍ଦ ।
ଫଗୁଣମାସ ଉଖୁଡ଼ା ମୁଆଁ
ଆମ ସଭିଙ୍କୁ କରେ କିମିଆଁ ।
ରଙ୍ଗ ବେରଙ୍ଗ ଅବିର ବୋଳି
ଅତି ଆନନ୍ଦେ ଖେଳିବା ହୋଲି ।
ଜାତି ଅଜାତି ଭାବକୁ ଭୁଲି
ଗାଆଁ ଦାଣ୍ଡକୁ ଦେବା ଦୋହଲି ।
ନାଚ ନାଚିବା, ଗୀତ ଗାଇବା
ମନ ଖୁସିରେ ହୋଲି ଖେଳିବା ।

ଗ୍ରା/ପୋ : ବେରୁଆଁବାଡ଼ି - ୭୫୨୦୮୨
ଜିଲ୍ଲା : ନୟାଗଡ଼
ଦୂରଭାଷ : ୦୯୩୩୯୭୧୦୧୬୮
ଇମେଲ୍ : sanmahakud@gmail.com
ୱେବ୍‌ସାଇଟ୍ : www.sanatanmahakud.in

http://www.appsgeyser.com/4368717

# ମନେ ପଡୁଥିବ



ଶ୍ରୀ ନୃସିଂହଚରଣ ବେହେରା

ଚାହୁଁ ଚାହୁଁ ଚୁନା ହେଲା
ମୋ ସୁନେଲୀ ସ୍ୱପ୍ନ
ପରବାସେ ତୁମେ ଗଲ ଚାଲି
ବଦଳାଇ ତୁମ ମନ ।
ତୁମେ ସିନା ଗଲ ଚାଲି
ତୁମ ସ୍ମୃତି ଅଛି ଖାଲି
ପ୍ରଶମିତ ହେଉନାହିଁ
ମନର ବ୍ୟଥା ହୁତାଶନ ।
ଭୁଲି ଯାଇଛ କି ତୁମେ
ଅବା ରଖିଥିବ ମନେ
ଅଜଣା ସେ କଥା ମୋତେ
ତାହା ଜାଣିଥିବ ତୁମେ ।
ଅକୁହା ବେଦନା ଭରା
ମୋର ଏ ହୃଦୟ ପରା
ପିଣ୍ଡେ ପ୍ରାଣ ଥିବା ଯାଏଁ
ତୁମ ସ୍ମୃତି ଥିବ ସାଥେ ।
ସପନ ସଉଧ ଯେତେ
ମିଶି ଗଢ଼ିଥିଲେ ଆମେ

http://www.appsgeyser.com/4368717

କାଳ ତ ଭସାଇ ନେଲା

ସବୁ ଆମ ଅଜାଣତେ ।

କପାଳ ଲିଖନ ଆମ

ଅନ୍ୟଥା କି ହେବ

ମନେ ପଡୁଥିବ ମୋର ତୁମେ

ଥିଲେ ଥାଅ ଦୂରେ ଯେତେ ।

ଶ୍ରୀ ନୃସିଂହଚରଣ ବେହେରା

ଭୋଇନଗର, ଭୁବନେଶ୍ୱର

ଦୂରଭାଷ - ୯୦୯୦୪୫୯୭୪୫

http://www.appsgeyser.com/4368717

# ଜନ୍ମଭୂମି



ବରୁଣ କୁମାର ଦାସ

ଯେଉଁ ଭାଷାରେ କଥା ହେଲେ ବି
ଓଡ଼ିଆ ହୃଦୟର ସଂଳାପ

ଯେଉଁ ଅବସ୍ଥାରେ ରହିଥିଲେ ବି
ଓଡ଼ିଶା ସହ
ଆତ୍ମାର ସମ୍ପର୍କ ।

ଯେଉଁ ଧର୍ମରେ
ଯୋଡ଼ି ହେଲେ ବି
ଜୀବନ ସହ ବନ୍ଧା
ଜଗନ୍ନାଥ ଧର୍ମ ।

ଯେଉଁଠି ବି ଠାଇଁ ନେଇଥିଲେ
ହାତପାହାନ୍ତାରେ
ଧରି ହେଉଥାଏ
ମାଟିର ମହକ ।

ଇମିତି ଅଙ୍କୁରିତ.... ହୋଇଥାଉ
ଟାଣପଣ
ମନ ତଳେ ତଳେ
ତମାମ ଜୀବନ ।

ରାମନଗର କଲେଜ,
ରାମନଗର, ପୁର୍ବ ମେଦିନିପୁର
ପଶ୍ଚିମବଙ୍ଗ

# ବୃକ୍ଷଟିଏ ଉପହାର ଦିଅ



ଶ୍ରୀ ଲିଙ୍ଗରାଜ ପ୍ରସାଦ ପଟ୍ଟନାୟକ

ଆସନ୍ତୁ ବିଜ୍ଞବୃନ୍ଦ ଆମ ପରିବେଶକୁ ଆମେ ହିଁ ସଂରକ୍ଷଣ କରିବା । ସାଧାରଣତଃ ଯେ କୌଣସି ପର୍ବଦିନ ଅଥବା ଜନ୍ମଦିନ, ବାହାଘର ବା କୌଣସି ଅନୁଷ୍ଠାନର ବାର୍ଷିକ ଉତ୍ସବ ପାଳନ ବେଳେ ଆମେ ବିଭିନ୍ନ ଉପହାର ଆଦାନ ପ୍ରଦାନ କରିଥାଉ । ଏହି ଉପହାର ସବୁ ପ୍ଲାଷ୍ଟିକ୍ ସାମଗ୍ରୀ, ବା ଅନ୍ୟାନ୍ୟ କୌଣସି ବସ୍ତୁ ବା ଫୁଲତୋଡ଼ା ହୋଇଥାଏ । ଏହି ଉପହାର ସବୁ କେବଳ ବ୍ୟୟସାପେକ୍ଷ ଏବଂ ପରିବେଶ ଅହିତକର ହୋଇଥାଏ । ଏଗୁଡ଼ିକ କିଛି ଦିନପରେ ଅଲୋଡ଼ା ହୋଇଯାଏ । ଉପହାର ଗ୍ରହୀତା ମଧ୍ୟ ଏଗୁଡ଼ିକୁ କେବଳ ଫଟୋଟିଏ ପାଇଁ କିମ୍ବା ଆଶାସ୍ୱତ ବସ୍ତୁ ରୂପେ ଗ୍ରହଣ କରିଥାଏ । ଏହି ସବୁ ଉପହାର ପରିବର୍ତ୍ତେ ଯଦି ଆମେ ବୃକ୍ଷଚାରାଟିଏ ଉପହାର ଦେଉ ବା ଦାନ କରୁ ତେବେ ଆମ ଉପହାରର ମର୍ଯ୍ୟାଦା ଅକ୍ଷୁର୍ଣ୍ଣ ରହିଯିବା ସଙ୍ଗେ ସଙ୍ଗେ ଆମ ଶୁଭ କାମନା ସବୁଦିନ ଗ୍ରହୀତାଙ୍କ ହୃଦୟରେ ମୃଦୁମଳୟ ସଂଚାର କରୁଥିବ । ଏତଦ୍ ବ୍ୟତୀତ ଏହା ଗ୍ରହୀତାଙ୍କ ଶୁଭକାମନା ସହ ସମାଜର ଶୁଭ କାମନା କରିଥାଏ । ଆମେ ମଧ୍ୟ ଆମର ମାତାପିତା, ଆତ୍ମୀୟ ସ୍ୱଜନଙ୍କ ସ୍ମୃତିରେ ଚାରାଟିଏ ରୋପଣ କରିପାରିବା ।

ଦିନକୁ ଦିନ କ୍ରମବର୍ଦ୍ଧିଷ୍ଣୁ ଯାନବାହାନ ଓ କଳକାରଖାନାର ପ୍ରାଦୁର୍ଭାବ ହେତୁ ପରିବେଶ ଦୂଷିତ ହେବାରେ ଲାଗିଛି ଏବଂ ପୃଥିବୀର ଉଷ୍ଣତା ବୃଦ୍ଧିପାଇବାରେ ଲାଗିଛି । ଏହି ତୁଳନାରେ ଜଙ୍ଗଲର ଘନତ୍ୱ କମ ହେବାରେ ଲାଗିଛି । ଏଥିପାଇଁ ଆମେ ଉତ୍କଟ ଜଳାଭାବର ସମ୍ମୁଖୀନ ହେବାକୁ ଯାଉଛେ । ଦିନକୁ ଦିନ ଜୈବବିବିଧତା ହ୍ରାସ ପାଇବାରେ ଲାଗିଛି । କିଛି ଦିନପରେ ଏହି ପୃଥିବୀର ସମସ୍ତ ଜୀବରାଶି ବିଲୁପ୍ତ ପ୍ରାୟ ଅବସ୍ଥାରେ ଆସି ପହଞ୍ଚିଯିବ, ଏଥିରେ ଦ୍ୱିମତ ନାହିଁ ।

କିନ୍ତୁ ବୃକ୍ଷରୋପଣ ଦ୍ୱାରା ଆମେ ଏହାର ପ୍ରାଦୁର୍ଭାବକୁ କିଛି ମାତ୍ରାରେ ହ୍ରାସ

କରିବାରେ ସକ୍ଷମ ହୋଇପାରିବା । ଯଦି ସମସ୍ତେ ସ୍ୱେଚ୍ଛାକୃତ ଭାବରେ ବୃକ୍ଷରୋପଣ ପ୍ରତି ଧ୍ୟାନ ଦିଅନ୍ତି, ତା ହେଲେ ଆମେ ପୃଥିବୀକୁ ଧ୍ୱଂସମୁଖରୁ ବଞ୍ଚାଇ ପାରିବା । ବୃକ୍ଷ ରୋପଣ ଦ୍ୱାରା ହେଉଥିବା ଲାଭ;

୧. ବୃକ୍ଷଲତା ପରିବେଶ ପ୍ରଦୁଷଣକୁ ଦୂର କରନ୍ତି ।

୨. ଆମପାଇଁ ଅତ୍ୟାବଶ୍ୟକ ଅମ୍ଳଜାନ କେବଳ ବୃକ୍ଷମାନେ ହିଁ ଦେଇ ପାରନ୍ତି ।

୩. ବୃକ୍ଷମାନେ ଭୂତଳ ଜଳସ୍ତରକୁ ସାମାନ୍ୟ ରଖିବାରେ ସକ୍ଷମ ।

୪. ଖରାଦିନେ ବୃକ୍ଷର ଛାୟାରେ ଆଶ୍ରୟ ମିଳିଥାଏ ।

୫. ଆମେ ଖାଉଥିବା ଖାଦ୍ୟର ଅର୍ଦ୍ଧାଧିକ ଭାଗ ବୃକ୍ଷଲତାରୁ ହିଁ ମିଳିଥାଏ ।

୬. ବର୍ଷାପାତର କାରଣ ହେଉଛି ବୃକ୍ଷ ।

୭. ବିଶାଳ ବୃକ୍ଷମାନଙ୍କ ଉପସ୍ଥିତି ଭୂକ୍ଷୟରୁ ରକ୍ଷା ଦେଇଥାଏ ।

ଅର୍ଥନୈତିକ ଦୃଷ୍ଟିରୁ ବୃକ୍ଷର ଉପାଦେୟତା ଅନନ୍ୟ;

୧. ଗୋଟିଏ ବୃକ୍ଷରୁ ଆମକୁ ବାର୍ଷିକ ୧୭.୫୦ ଲକ୍ଷ ଟଙ୍କାର ଅମ୍ଳଜାନ ମିଳିଥାଏ ।

୨. ଜଳଚକ୍ର ପାଇଁ ବୃକ୍ଷ ସହାୟକ ହୋଇଥାଏ, ଯାହା ବାର୍ଷିକ ୪୧ ଲକ୍ଷ ଟଙ୍କା ସହ ସମାନ ।

୩. ଗୋଟିଏ ବୃକ୍ଷ ବାର୍ଷିକ ୩୫ ଲକ୍ଷ ଟଙ୍କାର ବାୟୁ ପ୍ରଦୂଷଣରୁ ରକ୍ଷା କରିଥାଏ ।

୪. ଗୋଟିଏ ବୃକ୍ଷ ଦ୍ୱାରା ୧୮ ଲକ୍ଷ ଟଙ୍କାର୍ ମୃତ୍ତିକାକ୍ଷୟ ବନ୍ଦ ହୋଇଥାଏ ।

୫. ଗୋଟିଏ ବୃକ୍ଷ ଆମ ଘର ବଗିଚାରେ ରହିବା ଦ୍ୱାରା ଆମ ପରିବେଶର ତାପମାତ୍ରା ୩ ପ୍ରତିଶତ ପର୍ଯ୍ୟନ୍ତ କମ ହୋଇପାରେ ।

ଚାଲନ୍ତୁ ଆମେ ସମସ୍ତେ ଏକମନପ୍ରାଣ ହୋଇ ଆମ ଧରଣୀରାଣୀର ସୁରକ୍ଷା ପାଇଁ ବୃକ୍ଷରୋପଣକୁ ବ୍ରତ କରିବା ।

ଯଦି ଉପହାର ଦେବା - ଚାରାଟିଏ ଦେବା ।

http://www.appsgeyser.com/4368717

# ମା ମଙ୍ଗଳା



ଅନାମ ଚରଣ ସାହୁ

ଜଗନ୍ନାଥ ଓ ମା'ମଙ୍ଗଳା

ମା' ମଙ୍ଗଳାଙ୍କ ସହ ଜଗନ୍ନାଥ ସଂସ୍କୃତି ଓତଃପ୍ରୋତ ଭାବରେ ଜଡ଼ିତ । ଜଗନ୍ନାଥଙ୍କ 'ମାଦଳା ପାଞ୍ଜି'ର ପୁରୁଣା ପୃଷ୍ଠାକୁ ରୋମନ୍ଥନ କଲେ ଜଣାଯାଏ, କେଉଁ ଆବହମାନ କାଳରୁ ପୁରୀ ଜଗନ୍ନାଥ ମନ୍ଦିରର ନୀତିକାନ୍ତି ସହ କାକଟପୁର ମଙ୍ଗଳାଙ୍କ ନୀତିକାନ୍ତିର ଏକ ଭାବପୂର୍ଣ୍ଣ ସଂପର୍କ ରହିଛି ।

ଶ୍ରୀକ୍ଷେତ୍ରର କ୍ଷେତ୍ରାଧିପତି ଶ୍ରୀ ଜଗନ୍ନାଥ ନିଜ ଭାଇ ବଳଭଦ୍ର ଓ ଭଉଣୀ ସୁଭଦ୍ରାଙ୍କ ସହ ମିଶି ଅନେକ ମାନବୀୟ ଲୀଳା ମାଧ୍ୟମରେ ଓଡ଼ିଶାର ଧାର୍ମିକ ଭାବନାକୁ ପରିପୃଷ୍ଟ କରିଛନ୍ତି । ଯେଉଁଥିପାଇଁ ପ୍ରତିଟି ଓଡ଼ିଆ ଲୀଳାମୟ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କୁ ଓଡ଼ିଆର ବଡ଼ ପୁଅ ଭାବରେ ମାନି ନେଇଛନ୍ତି । ପ୍ରତିଟି ପର୍ବପର୍ବାଣୀ ଉତ୍ସବ ଆଦି ତାଙ୍କୁ ନେଇ ପରିକଳ୍ପନା କରାଯାଇଛି । ସେହିପରି ମାନବୀୟ ଲୀଳା ମଧ୍ୟରୁ ନବକଳେବର ଅନ୍ୟତମ । ନବକଳେବରର ଅର୍ଥ ନୂଆ ରୂପ ଧାରଣ କରିବା । ଅର୍ଥାତ ନବକଳେବରରେ ପ୍ରଭୁ ଶ୍ରୀ ଜଗନ୍ନାଥ ସମେତ, ଶ୍ରୀ ବଳଭଦ୍ର, ମା ସୁଭଦ୍ରା ଓ ଚକ୍ରରାଜ ସୁଦର୍ଶନଙ୍କୁ ନିମ୍ବଦାରୁରେ ନୂତନ ରୂପରେ ନିର୍ମାଣ କରାଯାଇ ପୁନଃ ପ୍ରାଣ ପ୍ରତିଷ୍ଠା କରାଯାଏ । ଯାହା ମାନବ ସମାଜକୁ ଏକ ବାର୍ତ୍ତା ପ୍ରଦାନ କରିବା ସହ ଦିଗ୍‌ଦର୍ଶନ କରିଥାଏ । ଅର୍ଥାତ ଶରୀର ନଶ୍ୱର କିନ୍ତୁ ତାହାର ଅଧିପତି ଆତ୍ମା ଅବିନାଶୀ । ଏହା ଗୋଟିଏ ଘଟରୁ ଅନ୍ୟ ଏକ ଘଟକୁ ସମୟର ଇଙ୍ଗିତରେ ଯାତ୍ରା କରିଥାଏ । ତେଣୁ ଶରୀରର ମୋହ ଛାଡ଼ି ନିଜର ମନକୁ ଭଗବାନଙ୍କ ଚରଣରେ ସମର୍ପଣ କରିଦେବା ଦରକାର ।

ଠିକ୍ ସେହିପରି ପ୍ରତି ଆଠରୁ କୋଡ଼ିଏ ବର୍ଷ ଭିତରେ ନବକଳେବର ଅନୁଷ୍ଠିତ ହୋଇଥାଏ । ନବକଳେବରର ବିଭିନ୍ନ ବିଧି ରହିଛି । ଯେଉଁ ବର୍ଷ ଯୋଡ଼ା ଆଷାଢ଼ ପଡ଼େ ସେହି ବର୍ଷ ନବକଳେବର କରାଯାଇଥାଏ । ଏହା ଅତି କମରେ

୮ ବର୍ଷ ଓ ଅତି ବେଶୀରେ ୧୯ ବର୍ଷରେ ପଡ଼େ । ଏହି ନବକଳେବର ଚାରୋଟି ପର୍ଯ୍ୟାୟରେ ସମ୍ପାଦିତ ହୋଇଥାଏ । ଯଥା;

୧. ବନଯୋଗ

୨. ଦାରୁ ସଂଗ୍ରହ

୩. ଶ୍ରୀ ମୂର୍ତ୍ତିଗଠନ

୪. ବ୍ରହ୍ମ ପରିବର୍ତ୍ତନ

ଏହି ସମସ୍ତ ପ୍ରକ୍ରିୟା ମଧ୍ୟରେ ମା ମଙ୍ଗଳାଙ୍କ ପ୍ରାଧାନ୍ୟ ଅନନ୍ୟ । ନବକଳେବର ହେତୁ ଆବଶ୍ୟକ ଦାରୁ ସଂଗ୍ରହ ପାଇଁ ମା ମଙ୍ଗଳାଙ୍କ ପ୍ରମୁଖ ଭୂମିକା ରହିଛି ।

ବନଯାଗ ପର୍ବ ଆରମ୍ଭରେ ବନଯାଗ ଯାତ୍ରୀମାନେ ପ୍ରଭୁ ଶ୍ରୀ ଜଗନ୍ନାଥ, ବଳଭଦ୍ର ଓ ଦେବୀ ସୁଭଦ୍ରା ତଥା ସୁଦର୍ଶନଙ୍କ ଆଜ୍ଞାମାଳ ନେଇ ଚକ୍ରରାଜ ସୁଦର୍ଶନଙ୍କ ସହ କାକଟପୁର ନିକଟସ୍ଥ ଦେଉଳି ମଠ ଅଭିମୁଖେ ଯାତ୍ରା ଆରମ୍ଭ କରନ୍ତି । ସେହି ଦଳରେ ପ୍ରାୟ ୮୦ ଜଣ ଯାତ୍ରୀ ଥାଆନ୍ତି । ସେମାନଙ୍କ ସହିତ ଏକ କାଠ ଶଗଡ଼ିରେ ଅନ୍ୟାନ୍ୟ ଦ୍ରବ୍ୟ ସମେତ ମା ମଙ୍ଗଳାଙ୍କର ମହାସ୍ନାନ, ବେଶ ମାର୍ଜଣା ଓ ସମର୍ପଣ ନିମନ୍ତେ ଚୁଆ, ଚନ୍ଦନ, ଅଗରୁ, ପାଟବସ୍ତ୍ର, ପୁଷ୍ପମାଲ୍ୟ ଓ ମହାପ୍ରସାଦ ଆଦି ଆସିଥାଏ । ମା'ଙ୍କ ସହ ମନ୍ଦିର ଚୂଡ଼ାରେ ବନ୍ଧାଯିବାଲାଗି ଏକ ନୂତନ ଧ୍ୱଜା (ପତାକା) ମଧ୍ୟ ଅଣାଯାଇଥାଏ ।

ବନଯାଗ ଯାତ୍ରୀମାନେ ବଡ଼ ନିଷ୍ଠାର ସହିତ ପାଦରେ ଚାଲି ଚାଲି ପୁରୁଷୋତ୍ତମ କ୍ଷେତ୍ରରୁ କାକଟପୁର ପର୍ଯ୍ୟନ୍ତ ପ୍ରାୟ ୬୦ କିଲୋମିଟର ବାଟ ଅତିକ୍ରମ କରନ୍ତି । ବାଟରେ କେତେକ ନିର୍ଦ୍ଦିଷ୍ଟ ସ୍ଥାନରେ ସେମାନଙ୍କ ପାଇଁ ରାତ୍ରୀ ଆଶ୍ରୟସ୍ଥଳୀ ନିର୍ମାଣ କରାଯାଇଥାଏ । ଅନ୍ୟାନ୍ୟ କୌଣସି ସ୍ଥାନରେ ସେମାନେ କେବେ ବି ଅଟକି ଯାଆନ୍ତି ନାହିଁ । ଏହି କାର୍ଯ୍ୟରେ ଚକ୍ରରାଜ ସୁଦର୍ଶନ ପଥପ୍ରଦର୍ଶକର ଭୂମିକା ନିର୍ବାହ କରନ୍ତି । ସେମାନେ ଦେଉଳି ମଠରେ ପହଞ୍ଚିବାପରେ ଏକ ବୃକ୍ଷ ମୂଳରେ ଶ୍ରୀ ସୁଦର୍ଶନଙ୍କୁ ସ୍ଥାପନ କରି ସେଇଠାରେ ଅବସ୍ଥାନ କରନ୍ତି ।

ଏହି ଖବର ମା ମଙ୍ଗଳାଙ୍କ ପୂଜକମାନଙ୍କ ପାଖରେ ପହଞ୍ଚିବା ପରେ ସେମାନେ ମା'ଙ୍କ ପୂଜାର୍ଚ୍ଚନା କରି ମା'ଙ୍କର ଛଡ଼ାମାଳ ସହିତ ଶୋଭାଯାତ୍ରାରେ ବାହାରି ଦେଉଳି ମଠରେ ଅବସ୍ଥାନ କରୁଥିବା ବନଯାଗ ଯାତ୍ରୀଙ୍କ ନିକଟକୁ ଯାଆନ୍ତି । ମା'ଙ୍କର ନିମନ୍ତ୍ରଣ ପାଇ ସମସ୍ତ ବନଯାଗ ଯାତ୍ରୀ ଶ୍ରୀ

http://www.appsgeyser.com/4368717

ସୁଦର୍ଶନ ଏବଂ ମା'ଙ୍କ ନିମନ୍ତେ ଅଣାଯାଇଥିବା ସମସ୍ତ ଦ୍ରବ୍ୟକୁ ସାଦରେ ନେଇ ମା'ଙ୍କ ସେବକ ମାନଙ୍କ ସହିତ ମନ୍ଦିରକୁ ଯାତ୍ରା କରନ୍ତି । ମନ୍ଦିରରେ ପହଞ୍ଚିବା ପରେ ମାଆଙ୍କ ବାମପାର୍ଶ୍ୱରେ ସୁଦର୍ଶନଙ୍କୁ ସ୍ଥାପନ କରି ପୂଜାର୍ଚ୍ଚନା କରନ୍ତି ।

ଏହାପରେ ଶ୍ରୀମନ୍ଦିରରୁ ଅଣାଯାଇଥିବା ଗୁଆ, ଚନ୍ଦନ, ଅଗରୁ ଆଦିରେ ମା'ଙ୍କର ସ୍ନାନ କରାଯାଏ । ଏହି ସ୍ନାନକୁ ମହାସ୍ନାନ କୁହାଯାଏ । ବାସିବସ୍ତ୍ର ଧୌତ କରାଯାଇ ଶୁଖାଯାଏ ଓ ଶ୍ରୀ ମନ୍ଦିରରୁ ଅଣାଯାଇଥିବା ପାଟବସ୍ତ୍ର ପିନ୍ଧାଇ ଦିଆଯାଏ । ବସ୍ତ୍ରଲାଗିପରେ ମା'ଙ୍କ ଦେହରେ ଅଳଙ୍କାର ଲାଗି ହୁଏ । ପାଦରେ ରୂପାର ପାହୁଡ଼, ବଳା ଓ ପାଉଁଜି । ଅଣ୍ଟାରେ ରୂପାର ଅଣ୍ଟାପଟି ଓ ଗୋଠ । ହାତରେ ରୂପାର ବଟଫଳ, ମୁଠା ଚୁଡ଼ି ଓ ଖଡୁ । ବାହୁରେ ରୂପାର ତାଡ଼ । କର୍ଣ୍ଣରେ ସ୍ୱର୍ଣ୍ଣପଦକ, ସ୍ୱର୍ଣ୍ଣ କର୍ଣ୍ଣଫୁଲ ଓ ଦଣ୍ଡି । ନାକରେ ନଥା ଓ ଗୁଣା । କପାଳରେ ସ୍ୱର୍ଣ୍ଣ ଦ୍ୱିତୀୟା ଚନ୍ଦ୍ର, ସ୍ୱର୍ଣ୍ଣ ବୈଷ୍ଣବ ଚିତା । ଚକ୍ଷୁରେ ସ୍ୱର୍ଣ୍ଣ ଚକ୍ଷୁ । ଭୃଲତାରେ ସ୍ୱର୍ଣ୍ଣ ଭୃଲତା । ଆୟୁଧରେ ପୂର୍ଣ୍ଣଚନ୍ଦ୍ର, ପଦ୍ମ କଳିକା । ମସ୍ତକରେ ସ୍ୱର୍ଣ୍ଣ ମୁକୁଟ । ଏହା ସହ ସୁନାର ସ୍ୱତନ୍ତ୍ର ମୁକୁଟ, ପଦକ ଓ କଣ୍ଠମାଳା ଆଦି ପରିଧାନ କରିଥାନ୍ତି । ଏହାପରେ ପୁଷ୍ପମାଲ୍ୟ ଲାଗି କରାଯାଏ । ପରେ ଚନ୍ଦନ ଓ ସିନ୍ଦୁର ଲାଗି କରାଯାଏ । ଏହାପରେ ଶ୍ରୀଜଗନ୍ନାଥଙ୍କ ମହାପ୍ରସାଦ ସେବା କରାଯାଏ । ଶେଷରେ ଶ୍ରୀ ମନ୍ଦିରରୁ ଆସିଥିବା ଧ୍ୱଜାକୁ ମନ୍ଦିର ଚୂଡ଼ାରେ ବନ୍ଧାଯାଏ । ଏହି ସମୟରେ ବନଯାଗ ଯାତ୍ରୀମାନେ ଦାରୁର ଠିକଣା ନିର୍ଦ୍ଦେଶ କରିବାପାଇଁ ମା'ଙ୍କୁ ଗୁହାରି ଜଣାଇ ଦେଉଳି ମଠ ଫେରିଯାଆନ୍ତି ।

ବନଯାଗ ଦଳରେ ଆସିଥିବା ଶ୍ରୋତୀୟ ବ୍ରାହ୍ମଣମାନେ ପ୍ରତ୍ୟହ ବେଦ ପାଠ କରନ୍ତି । ଅନ୍ୟମାନେ ପ୍ରତ୍ୟହ ହବିଷ୍ୟାନ୍ନ ସେବନ କରି ଅହୋରାତ୍ର ଧ୍ୟାନ ମଧ୍ୟରେ ସ୍ୱପ୍ନବତୀ ମନ୍ତ୍ରକୁ ୧୦୮ ଥର ଲେଖାଏ ଜପ କରନ୍ତି । ମା' ପ୍ରସନ୍ନ ହେଲେ ଦାରୁର ଠିକଣା ଜଣାଇ ଦିଅନ୍ତି । ମା' ମଙ୍ଗଳାଙ୍କ ସ୍ୱପ୍ନାଦେଶ ପାଇବା ପରେ ବନଯାଗ ଦଳର ଯାତ୍ରୀମାନେ ଚାରିଭାଗରେ ବିଭକ୍ତ ହୋଇ ନିର୍ଦ୍ଦେଶାନୁସାରେ ବିଭିନ୍ନ ଦିଗକୁ ଯାତ୍ରା କରନ୍ତି । ମା'ଙ୍କ ନିର୍ଦ୍ଦେଶ ମୁତାବକ ବିଭିନ୍ନ ଦିଗକୁ ବନଯାଗ ଯାତ୍ରୀମାନେ ଯାତ୍ରା କରିବାପରେ ମା'ମଙ୍ଗଳାଙ୍କ କାର୍ଯ୍ୟର ପରିସମାପ୍ତି ଘଟେ ।

ଏହିପରି ଭାବରେ ମା'ମଙ୍ଗଳା ପ୍ରଭୂ ଶ୍ରୀ ଜଗନ୍ନାଥଙ୍କ ସମେତ ବଳଭଦ୍ର, ସୁଭଦ୍ରା ଓ ସୁଦର୍ଶନଙ୍କ ଦାରୁର ଠିକଣା ଜଣାଇବା ଭଳି ମହାନ କାର୍ଯ୍ୟ କରୁଥିବାରୁ ସାରା ବିଶ୍ୱ ଓ ବିଶେଷ କରି ଓଡ଼ିଶାବାସୀଙ୍କ ମଧ୍ୟରେ ଓ ରାଜ୍ୟର ପୁରପଲ୍ଲୀରେ ଆସ୍ଥା ଓ ବିଶ୍ୱାସର ପ୍ରତୀକ ଭାବରେ ସମସ୍ତଙ୍କ ହୃଦୟରେ ବିରାଜମାନ ଅଟନ୍ତି । କ୍ରମଶଃ...

http://www.appsgeyser.com/4368717

# ନାରୀ ନିର୍ଯ୍ୟାତନା



ବାଲ୍ମୀକି ନାୟକ

ନାରୀ ନିର୍ଯ୍ୟାତନା ଓ ତା'ର ନିରାକରଣ

ନାରୀ ନିର୍ଯ୍ୟାତନାର ସ୍ୱର ଗତ କୋଡ଼ିଏ ପଚିଶି ବର୍ଷ ଭିତରେ ବେଶୀ ପ୍ରଚାର ହେଲା । କାରଣ ଟିଭିର ପ୍ରସାରଣ ହେତୁ ନାରୀମାନଙ୍କ ନିର୍ଯ୍ୟାତନା ଖବର ଗୁଡ଼ିକ ଅଧିକରୁ ଅଧିକ ଲୋକ ଜାଣିପାରିଲେ । ଧିରେ ଧିରେ ସୋସିଆଲ୍ ମିଡ଼ିଆର ପ୍ରଚଳନ ପରେ ଆହୁରି ଶୀଘ୍ର ଓ ସହଜରେ ଖବର ଗୁଡ଼ିକ ସୀମା ଅତିକ୍ରମ କରି ଦେଶ ବିଦେଶରେ ପ୍ରଚାର ହୋଇପାରିଲା । ଆଗରୁ ନାରୀ ନିର୍ଯ୍ୟାତନାର ଘଟଣାଟିଏ ପରିବାର, ସମାଜ କିମ୍ବା ସଂପୃକ୍ତ ଅଞ୍ଚଳ ବାହାରକୁ ଯାଇପାରୁନଥିଲା । ନାରୀ ନିର୍ଯ୍ୟାତନାର କାହାଣୀ ପୌରାଣିକ ଯୁଗରୁ ଚାଲି ଆସିଛି । ପୌରାଣିକ ଯୁଗରେ ରାଜା, ମହାରାଜା, ସାମନ୍ତ, ସାଧୁ ସନ୍ୟାସୀ, ମୂନୀ ଋଷିମାନଙ୍କ ଦ୍ୱାରା ପ୍ରତ୍ୟେକ ସ୍ତରର ନାରୀ ମାନଙ୍କ ପାଇଁ ନୀତି ନିର୍ଦ୍ଧାରଣ ହେଉଥିଲା । ସେହି ନୀତି ଓ ନିୟମକୁ ମାନି ଚଳିବା ସେହି ଯୁଗର ନାରୀ ମାନଙ୍କ ପାଇଁ ବାଧ୍ୟତାମୂଳକ ଥିଲା । ଧର୍ମ ଶାସ୍ତ୍ରମାନଙ୍କରେ ନାରୀର ଆଚରଣ ବିଧି, ନାରୀର କର୍ତ୍ତବ୍ୟ, ଧର୍ମ, ନିଷେଦ୍ଧ, ବର୍ଜିତ ଇତ୍ୟାଦି ଅନେକ ନିର୍ଦ୍ଦେଶ ଲେଖାଯାଇଛି । ସେହି ସବୁ ନିର୍ଦ୍ଦେଶାବଳୀରେ ଯେଉଁ ଗୁଡ଼ିକ ମାନବୀୟ ପ୍ରବୃତ୍ତି ଓ ଆଚରଣକୁ ନିୟନ୍ତ୍ରିତ କରୁଛି, ସେ ଗୁଡ଼ିକ ସବୁ ଯୁଗପାଇଁ ଗ୍ରହଣୀୟ । କିନ୍ତୁ ଯେଉଁ ଗୁଡ଼ିକ ନାରୀର ବ୍ୟକ୍ତିତ୍ୱ, ସ୍ୱାଧୀନତା ଓ ଇଚ୍ଛାକୁ ବଳପୂର୍ବକ ଦବେଇ ରଖିବାକୁ ଲେଖାଯାଇଛି, ସେ ଗୁଡ଼ିକ ଆଜି ଅବାନ୍ତର ହୋଇ ଯାଇଛି । ସେତେବେଳେ ଏହାକୁ ନାରୀ ନିର୍ଯ୍ୟାତନା ଶ୍ରେଣୀରେ ଗଣନା କରାଯାଉନଥିଲା । ସେଥିପାଇଁ କୌଣସି ଧର୍ମଶାସ୍ତ୍ରରେ ନାରୀ ନିର୍ଯ୍ୟାତନା ବିରୁଦ୍ଧରେ ସ୍ୱର ଉତ୍ତୋଳନ ହୋଇଥିବା ଦେଖିବାକୁ ମିଳୁନାହିଁ । ଯଦି ବା କେଉଁଠି ନାରୀ ନିର୍ଯ୍ୟାତନାର ଘଟଣା ଲେଖାଯାଇଛି, ତାହାକୁ ଧାର୍ମିକ ରଙ୍ଗ ଦେଇ ପୂର୍ବ ନିର୍ଦ୍ଧାରିତ, ନୀତି ସମ୍ମତ ବା ବିଧି ସଂଗତ ବୋଲି ଘୋଷଣା କରାଯାଇଛି । ନାରୀମାନେ ହୁଏତ ଅନୁଭବ କରି ପାରୁନଥିଲେ ଯେ ଆମର ମାନବିକ ଅଧିକାର ଦହନ ହେଉଛି । ଏହା ଆମର ଭାଗ୍ୟ ଲିଖନ ବୋଲି ଭାବି ସବୁ ସହ୍ୟ କରୁଥିଲେ ।

ସେହିଭଳି ଐତିହାସିକ ଯୁଗରେ ବି ରାଜା ମହାରାଜା, ସାମନ୍ତ, ସମାଜର ବଡ଼ପଣ୍ଡା ଓ ପରିବାରର ମୁଖିଆ ପୁରୁଷଙ୍କ ନୀତିନିୟମ ହିଁ ପ୍ରତ୍ୟେକ ନାରୀ

http://www.appsgeyser.com/4368717

ଉପରେ ଲାଗୁ ହେଉଥିଲା । ନାରୀ ସ୍ୱାଧିନତା, ନିଜ ଇଚ୍ଛା ମୁତାବକ ଜୀବନ ଯାପନ କରିବା, ସେ ଯୁଗରେ ସ୍ୱପ୍ନ ପରି ଥିଲା । ନାରୀ ସଂଗଠନ ନଥିଲା କିମ୍ବା କୌନସି ପୁରୁଷ ବର୍ଗ ନାରୀ ନିର୍ଯ୍ୟାତନା ବିରୁଦ୍ଧରେ ସ୍ୱର ଉତ୍ତୋଳନ କରୁନଥିଲେ ।

ବିଂଶ ଓ ଏକବିଂଶ ଶତାବ୍ଦୀରେ ଆଧୁନିକ ଯୁଗର ସୂତ୍ରପାତ ହେଲା । ନାରୀମାନଙ୍କ ଉପରେ ଅତ୍ୟାଚାର ହେଉଥିବା କଥାକୁ ଅନେକ ଉଦାରବାଦୀ ପୁରୁଷ ଅନୁଭବ କଲେ । ସେହିମାନେ ମୌଳବାଦୀଙ୍କ ବିରୋଧ ସତ୍ତ୍ୱେ ଏହାର ନିରାକରଣର ଉପାୟ ଭିତରୁ ପ୍ରଥମ ଚରଣରେ ନାରୀ ଜାତିକୁ ଶିକ୍ଷା ପ୍ରଦାନ କରିବାକୁ ବାଟ ଖୋଲିଦେଲେ । ପୁଅମାନଙ୍କ ସହିତ ଝିଅମାନେ ବି ଶିକ୍ଷା ପ୍ରାପ୍ତିପାଇଁ ବିଦ୍ୟାଳୟକୁ ଯିବାର ଅନୁମତି ପାଇଗଲେ । ଧିରେ ଧିରେ ନାରୀମାନଙ୍କ ଶିକ୍ଷା କ୍ଷେତ୍ର ବିସ୍ତାର ଲାଭ କଲା । ଆଜିର ଯୁଗରେ ଏମିତି କୌଣସି କ୍ଷେତ୍ରନାହିଁ, ଯେଉଁଠି କେବଳ ପୁରୁଷ ମାନଙ୍କ ଆଧିପତ୍ୟ ରହିବ । ନାରୀମାନେ ଶିକ୍ଷାପ୍ରାପ୍ତ କରି ଅନେକ ଅବିସ୍ମରଣୀୟ ଓ ଅଦ୍ଭୁତ କାମ କରିପାରିଛନ୍ତି । ଶିକ୍ଷାପାଇବା ଯୋଗୁଁ ନାରୀମାନଙ୍କ ଭିତରେ ଜାଗରଣ ସୃଷ୍ଟିହେଲା । ପୁରୁଣା ପରମ୍ପରା ଓ ସଂସ୍କାରକୁ ପାଳନ କରିବା ଦ୍ୱାରା ସେମାନଙ୍କ ମାନବିକ ଅଧିକାର କ୍ଷୁର୍ଣ୍ଣ ହେଉଥିବା ଅନୁଭବ କରିପାରିଲେ । ସେହିପାଇଁ ପ୍ରତିବାଦର ସ୍ୱର ଉଠିଲା । ସେମାନଙ୍କର ଦାବୀ ମାନବବାଦୀ ଓ ନ୍ୟାୟସଂଗତ ଦେଖି ପୁରୁଷ ସମାଜ ବି ସମର୍ଥନ କଲା । ବିଭିନ୍ନ ପ୍ରଦେଶରେ ମହିଳା ସଂଗଠନ ଗଠନ ହେଲା । ସଂଗଠିତ ମହିଳା ସମାଜ ନିଜର ନ୍ୟାଯ୍ୟ ଅଧିକାର ପ୍ରାପ୍ତ କରିବାପାଇଁ ଆଗେଇ ଆସିଲେ । ସରକାରୀ ସ୍ତରରେ ଆଇନ ପ୍ରଣୟନ କରି ନାରୀ ସୁରକ୍ଷା ଓ ନାରୀଙ୍କ ସମ୍ମାନ ରକ୍ଷା ପାଇଁ ବିଭିନ୍ନ ପଦକ୍ଷେପ ନିଆଯାଉଛି । ଆମ ଦେଶରେ ଆଜିର ତାରିଖରେ କେବଳ ମହିଳା ସୁରକ୍ଷା ପାଇଁ ପନ୍ଦରଗୋଟି ବିଶେଷ ଆଇନ ପ୍ରଣୟନ ହୋଇଛି ।

ଏଇଠି ପ୍ରଶ୍ନ ଉଠୁଛି - ଦେଶରେ ନାରୀ ଜାଗରଣ ଓ ନାରୀ ସୁରକ୍ଷା ପାଇଁ ଏତେ ସୁବିଧା ଥାଇ ମଧ୍ୟ ନାରୀ ନିର୍ଯ୍ୟାତନା କମ ହେଉନାହିଁ କାହିଁକି ? ପ୍ରତିଦିନ ଆମେ ଗଣମାଧ୍ୟମରୁ ବିଭିନ୍ନ ପ୍ରକାର ନାରୀ ନିର୍ଯ୍ୟାତନାର ଖବର ଦେଖିବାକୁ ପାଉଛୁ । ନିରାକରଣର ଉପାୟ କଣ ?

ଆମ ଦେଶରେ ନିରାକରଣର ଉପାୟକୁ ନେଇ ଗହନ ଚର୍ଚ୍ଚା ଚାଲିଛି । ଧର୍ମଗୁରୁ ଓ ନେତା ମାନଙ୍କର ମତ ଓ ମନ୍ତବ୍ୟ ଉପରେ ବି ତର୍କ ବିତର୍କ ଚାଲିଛି । ସମସ୍ୟାର ଅସଲ ସମାଧାନ କଅଣ ହୋଇପାରେ କାହାରିକୁ ଜଣାନାହିଁ । ଏଭଳି ଘଡ଼ି ସନ୍ଧି ମୁହୂର୍ତ୍ତରେ ଆଉ ଏକ ସମସ୍ୟା ମୁଣ୍ଡ ଟେକିଛି । ତାହା ହେଲା - ପୁରୁଷ ମାନଙ୍କ ଦ୍ୱାରା ପ୍ରଣୟନ ହୋଇଥିବା ନାରୀ ସୁରକ୍ଷା ଆଇନର ନାରୀମାନଙ୍କ ଦ୍ୱାରା ଦୁରୁପଯୋଗ । କେତେକ ଉଚ୍ଚମହତ୍ତ୍ୱାକାଂକ୍ଷୀ ମହିଳା ନିଜର ଶିକ୍ଷା ଓ ରୋଜଗାର ବଳରେ ପୁରୁଷ ବିରୋଧି ହୋଇପଡ଼ିଛନ୍ତି । ସେମାନେ ନାରୀ ସୁରକ୍ଷା ଆଇନ ଗୁଡ଼ିକୁ ପୁରୁଷ ମାରଣ ଅସ୍ତ୍ର ଭାବରେ ବ୍ୟବହାର କରୁଛନ୍ତି । ସବୁଠୁ ବେଶୀ ଦୁରୁପଯୋଗ ହେଉଛି ଯୌତୁକ ନାମରେ ଧାରା ୪୯୮(କ) । ଯଦିଓ ଏହି ଧାରାରେ ବୋହୁ ଉପରେ ତାଙ୍କର ପତି ଓ ତାଙ୍କ ପରିବାର ଲୋକମାନଙ୍କ ଦ୍ୱାରା ଶାରୀରିକ ଓ ମାନସିକ ନିର୍ଯ୍ୟାତନା ସଂପର୍କରେ ଲେଖାଯାଇଛି । ଝିଅ ଘର ଲୋକମାନେ କିନ୍ତୁ ଅନ୍ୟ କାରଣ ଗୁଡ଼ିକୁ ଲୁଚେଇ ଦେଇ ଯୌତୁକର

http://www.appsgeyser.com/4368717

ବାହାନା କରି ପୁଅ ଘର ଲୋକମାନଙ୍କ ଉପରେ ମିଥ୍ୟା ମକଦ୍ଦମା କରିବାକୁ ପଛାଉନାହାନ୍ତି । ଏହାଫଳରେ କାଳବିଳମ୍ବ ନ କରି ପୋଲିସ ପତିଘରର ଲୋକମାନଙ୍କୁ ଗିରଫ କରିବାକୁ ବାଧ୍ୟ ହେଉଛନ୍ତି । ଏହି ଧାରାଟି ଏତେ ଜଟିଳ ଯେ ଏହାର ବିଚାରଣା ଅନେକ ବର୍ଷ ଲାଗି ଯାଉଛି । ଆର୍ଥିକ କ୍ଷତି ସାମାଜିକ ସମ୍ମାନ ହାନୀର ଶୀକାର ହେଉଛନ୍ତି ଅନେକ ନିରୀହ ପରିବାର । ପରିତାପର ବିଷୟ ହେଉଛି ଯେ ଆଜି ପର୍ଯ୍ୟନ୍ତ ଦାଖଲ ହୋଇଥିବା ଏହି ଶ୍ରେଣୀର ସମସ୍ତ ମୋକଦ୍ଦମା ମାନଙ୍କ ଭିତରୁ କେବଳ ତିନି ପ୍ରତିଶତ ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଥିଲା ବେଳେ ସତାନବେ ପ୍ରତିଶତ ମାମଲା ମିଥ୍ୟା ବୋଲି ଜଣାପଡ଼ିଛି । ସେହିଭଳି ଯୌନ ନିର୍ଯ୍ୟାତନା ଆଇନର ଦୁରୁପଯୋଗ ମଧ୍ୟ ହେଉଛି । କୌଣସି ଅଫିସରେ କାମ କରୁଥିବା ମହିଳା ଯଦି କୌଣସି ପୁରୁଷ ଅଧିକାରୀ କିମ୍ବା ସହକର୍ମୀଙ୍କ ଉପରେ କୌଣସି କାରଣରୁ ଅସନ୍ତୁଷ୍ଟ ହେଉଛନ୍ତି, ସେ ତାଙ୍କ ନାମରେ ମିଥ୍ୟା କହି କେଶ ଦାୟର କରିବା ପର୍ଯ୍ୟନ୍ତ କଥା ଯାଉଛି । ଏହି ସବୁ ମାମଲାରେ ସଂପୃକ୍ତ ପୁରୁଷ ଜଣକ ଅନେକ ବର୍ଷ ଯାଏଁ ନିଜକୁ ନିର୍ଦ୍ଦୋଷ ବୋଲି ପ୍ରମାଣିତ କରିବାପାଇଁ କୋର୍ଟ କଚେରୀ ହେଉଥିବା ଦେଖାଯାଉଛି ।

ନାରୀ ଶିକ୍ଷାଗତ ଯୋଗ୍ୟତା ହାସଲ କରିବା ଦ୍ୱାରା ମାନବ ସଂବଳର ଆବଶ୍ୟକତା ପୂରଣ ହୋଇଛି । ନାରୀମାନେ ରୋଜଗାରକ୍ଷମ ହୋଇଛନ୍ତି ଏବଂ ଏହାଦ୍ୱାରା ପରିବାରର ଆର୍ଥିକ ସ୍ଥିତି ମଜବୁତ ହୋଇଛି । ବିଜ୍ଞାନ ପ୍ରଯୁକ୍ତି କ୍ଷେତ୍ରରେ ନାରୀମାନଙ୍କ ନିଯୁକ୍ତି ଯୋଗୁଁ ଦେଶ ପ୍ରଗତି କରିଛି । ସମାଜ ଓ ଦେଶର ପ୍ରଗତି ପଥରେ ନାରୀମାନଙ୍କ ସହଯୋଗ ସ୍ୱାଗତଯୋଗ୍ୟ ।

ଶେଷରେ ଆମେ ଏତିକି କହିପାରିବା ଯେ ଜୀବନରେ ଯେଉଁ ଆଇନବ୍ୟବସ୍ଥାର ସୁଯୋଗ ମିଳୁଛି ତାକୁ ଠିକ୍ ସ୍ଥାନରେ, ଠିକ୍ ସମୟରେ ଉପଯୋଗ କଲେ ଆମେ ଉପକୃତ ହୋଇପାରିବା, କିନ୍ତୁ ତାକୁ ଯଦି ଆମେ ପ୍ରତିଶୋଧ ପରାୟଣା ହୋଇ ଦୁରୁପଯୋଗ କରିବା ତେବେ ନିଶ୍ଚୟ ଭାବରେ ସାମାଜିକ ଅସ୍ଥିରତାକୁ ସ୍ୱାଗତ କରିବା । ନାରୀ ସମାଜକୁ ସ୍ୱୀକାର କରିବାକୁ ହେବ ଯେ ସେମାନେ ପୁରୁଷ ମାନଙ୍କ ସହ ପାଦ ମିଳାଇ ସମାନ୍ତର ଭାବରେ ଚଳିପାରିଲେ ଉଭୟ ଏବଂ ସମାଜପାଇଁ ମଙ୍ଗଳକାରକ ହେବ । ପୁରୁଷମାନଙ୍କ ଠାରୁ ଉଚ୍ଚ ବା ଶ୍ରେଷ୍ଠ ବୋଲି ଭାବିଲେ କାହାରି ମଙ୍ଗଳ ହେବନାହିଁ । ଉଦାହରଣ ସ୍ୱରୂପ, ଆଜି ପର୍ଯ୍ୟନ୍ତ ପୁରୁଷ ନିଜକୁ ଉଚ୍ଚ ବା ଶ୍ରେଷ୍ଠ ବୋଲି ଭାବୁଥିବାରୁ ଅପର ପକ୍ଷରୁ ପ୍ରତିବାଦର ସ୍ୱର ଉଠିଲା । ଏବେ ଯଦି ନାରୀମାନଙ୍କ ଔଦ୍ଧତ୍ୟ ବୃଦ୍ଧିପାଇବ ତେବେ ସମାଜ ପୁଣି ଅଶାନ୍ତ ହୋଇଉଠିବ । ହିଂସା ବଢ଼ିବ । ନାରୀ ନିର୍ଯ୍ୟାତନାର ନିରାକରଣ ପାଇଁ ସମସ୍ତ ଉପାୟ ନିରସ୍ତ୍ର ହୋଇଯିବ ।

ବେଙ୍ଗାଲୁରୁ
ଦୂରଭାଷ - ୦୯୪୮୨୦୧୭୨୭୦

http://www.appsgeyser.com/4368717

ଆହ୍ୱାନର ଆଗାମୀ ସଂସ୍କରଣ ଜୁନ୍ ମାସରେ ପ୍ରକାଶିତ ହେବ । ନିଜ ଦ୍ୱାରା ଲିଖିତ କବିତା ଓ କାହାଣୀ ଶୀଘ୍ର ଆମ ନିକଟକୁ ପଠାନ୍ତୁ ।

ଆପଣଙ୍କ ଲିଖିତ କବିତା, କାହାଣୀ, ଭ୍ରମଣ କାହାଣୀ, ଶିଶୁକଥା, ଜୀବନ କଥା, ଇତିହାସ, ରୋଷେଇ, ଘରକରଣା, ସ୍ୱାସ୍ଥ୍ୟ, ବ୍ୟଙ୍ଗ ଇତ୍ୟାଦି ଆପଣ ଇ-ମେଲ୍ ଦ୍ୱାରା ଆମ ନିକଟକୁ ପଠାଇ ପାରିବେ ।

ଆମ ଇ-ମେଲ୍ ଠିକଣା :

# aahwaan@gmail.com

ଚିଠି ମାଧ୍ୟମରେ ଲେଖା ପ୍ରେରଣ କରିବା ଠିକଣା

## ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ସମ୍ପାଦକ, 'ଆହ୍ୱାନ ଇ-ପତ୍ରିକା'

ବୀମାନଗର, ୨ୟ ଗଳି, ବ୍ରହ୍ମପୁର, ୭୬୦୦୧୦, ଓଡ଼ିଶା

ଫୋନ : ୯୦୪୦୯୮୫୪୭୩ / ୭୦୦୮୫୬୭୦୮୫

http://www.appsgeyser.com/4368717

# ବିଶେଷ ସୂଚନା

ଆହ୍ୱାନ ଇ-ପତ୍ରିକା ଓଡ଼ିଶାରୁ ପ୍ରକାଶିତ ପ୍ରଥମ ଏବଂ ଏକମାତ୍ର ସଂପୂର୍ଣ୍ଣ ଓଡ଼ିଆରେ ପ୍ରକାଶିତ ସାହିତ୍ୟ ଇ-ପତ୍ରିକା । ଏହା ପ୍ରତ୍ୟେକ ମାସର ପ୍ରଥମ ସପ୍ତାହରେ ପ୍ରକାଶିତ ହୋଇଥାଏ । ବେଳେ ବେଳେ ପୂଜା ପର୍ବପର୍ବାଣୀ ସମୟରେ ସମୟୋପଯୋଗୀ ବିଶେଷ ସଂସ୍କରଣମାନ ମଧ୍ୟ ପ୍ରକାଶିତ ହୁଏ । ଓଡ଼ିଆ ସାହିତ୍ୟର ବିଭିନ୍ନ ବିଭାଗ ଯଥା, ଗଳ୍ପ, କବିତା, ପ୍ରବନ୍ଧ, ରମ୍ୟ ରଚନା, ଶିଶୁ ରଚନା, ଭ୍ରମଣ କାହାଣୀ ଇତ୍ୟାଦି ଏଥିରେ ପ୍ରକାଶିତ ହୁଏ ।

ଏହି ପତ୍ରିକାରେ ଲେଖା ପ୍ରକାଶିତ କରିବା ପାଇଁ ନୂଆ ଓ ପୁରୁଣା ଉଭୟ ସାହିତ୍ୟକାରଙ୍କୁ ପ୍ରୋତ୍ସାହନ ଦିଆଯାଇଥାଏ । ଯେହେତୁ ଏହି ପତ୍ରିକା ନିଃଶୁଳ୍କ ବିତରଣ ନିମିତ୍ତ ଉଦ୍ଦିଷ୍ଟ ତେଣୁ ଲେଖକ, ଲେଖିକାମାନଙ୍କୁ କୌଣସି ପ୍ରକାରର ପ୍ରୋତ୍ସାହନ ରାଶି ଦିଆଯାଏ ନାହିଁ । ପାରିଶ୍ରମିକ ଆଶା କରୁଥିବା ଲେଖକ ଲେଖିକାମାନେ ନିଜ ଲେଖା ବ୍ୟବସାୟିକ ପତ୍ରପତ୍ରିକାକୁ ପଠାଇ ପାରିବେ ।

ଏହି ପତ୍ରିକା ପ୍ରତ୍ୟେକ ମାସରେ ଇଣ୍ଟରନେଟ୍‌ରେ ନିଃଶୁଳ୍କ ପଢ଼ିବା ପାଇଁ ଉପଲବ୍ଧ ହୋଇଥାଏ । ପାଠକ ଚାହିଁଲେ ଏହି ପତ୍ରିକାର ଗୋଟିଏ ପ୍ରତିଲିପି ନିଜ କଂପ୍ୟୁଟରରେ ଡ଼ାଉନ୍‌ଲୋଡ୍ କରି ପାରିବେ ।

ଲେଖକ ଲେଖିକାମାନେ ନିଜ କୃତି ଆମ ନିକଟକୁ ଡ଼ାକଦ୍ୱାରା କିମ୍ବା ଇ-ମେଲ୍ ଦ୍ୱାରା ପଠାଇ ପାରିବେ । ଡ଼ାକ ଦ୍ୱାରା ପଠାଉଥିଲେ ନିଜ ଲେଖାକୁ ଧଳା କାଗଜର ଗୋଟିଏ ପାର୍ଶ୍ୱରେ ନିର୍ଭୁଲ ହସ୍ତାକ୍ଷରରେ ଲେଖି ପଠାନ୍ତୁ, କିମ୍ବା ଟାଇପ୍ କରି ମଧ୍ୟ ପଠାନ୍ତୁ । ଇ-ମେଲ୍ ଦ୍ୱାରା ପଠାଉଥିଲେ ଲେଖାକୁ ଲେଖି ସାରିବ ପରେ ସ୍କାନିଂ କରି ଆମ ଇ-ମେଲ୍ ଠିକଣାରେ ପଠାନ୍ତୁ ।

ଆହ୍ୱାନର ପ୍ରକାଶନ ସଂପୂର୍ଣ୍ଣ ପରିବେଶ ଅନୁକୂଳ, କାରଣ ଏହାଦ୍ୱାରା କାଗଜର ବ୍ୟବହାର କମ ହୋଇଥାଏ, ଯେଉଁଥିପାଇଁ ଗଛ କାଟିବାକୁ ପଡ଼େନାହିଁ । ଆମେ ପରିବେଶ ପ୍ରଦୁଷଣ ବିରୋଧ କରୁ ।

ଆହ୍ୱାନ ଇ-ପତ୍ରିକାରେ ଲେଖା ପ୍ରକାଶିତ କରିବାପାଇଁ ଯଦି ଆପଣ ଇଚ୍ଛୁକ ତେବେ ନିଜ

http://www.appsgeyser.com/4368717

ଲିଖିତ କୃତିକୁ ଆପଣ ଆମ ନିକଟକୁ ପଠାନ୍ତୁ । ଯେହେତୁ ଏହି ପତ୍ରିକା ଇଣ୍ଟରନେଟରେ ପ୍ରକାଶିତ ହୁଏ ଏବଂ ପ୍ରତ୍ୟେକ ମାସରେ ଶହସ୍ରାଧିକ ଓଡ଼ିଆଙ୍କ କମ୍ପ୍ୟୁଟରରେ ଶୋଭାପାଏ ତେଣୁ ଏହି ପତ୍ରିକାପାଇଁ ଲେଖା ମଧ୍ୟ ଇଣ୍ଟର୍‌ନେଟ ମାଧ୍ୟମରେ ହିଁ ଗ୍ରହଣ କରାଯାଏ । ଯଦି ଆପଣ ଇ-ମେଲ୍ ଦ୍ୱାରା ଆମ ନିକଟକୁ ଲେଖା ପଠାଇ ପାରିବେ ନାହିଁ, ତେବେ ଆପଣ ନିଜ ଲେଖା ଧଳା କାଗଜରେ ଗୋଟିଏ ପାର୍ଶ୍ୱରେ ନିର୍ମଳ ହସ୍ତାକ୍ଷରରେ ଲେଖି ଆମ ନିକଟକୁ ନିମ୍ନ ଠିକଣାରେ ପଠାଇ ପାରିବେ ।

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ବୀମା ନଗର - ୨ୟ ଗଳି

ଆମ୍ବପୁଆ, ବ୍ରହ୍ମପୁର - ୭୬୦୦୧୦

ଓଡ଼ିଶା, ଫୋନ୍: ୯୦୪୦୯୮୫୪୬୩ / ୯୮୭୧୯୭୨୧୭୦

ଯଦି ଆପଣ ଇଣ୍ଟର୍‌ନେଟ୍ ମାଧ୍ୟମରେ ଲେଖା ପଠାଇବାକୁ ଚାହାନ୍ତି ତେବେ ନିଜ ଲେଖାକୁ ଟାଇପ୍ (ଓଡ଼ିଆ ୟୁନିକୋଡ଼ ଫଣ୍ଟରେ ଟାଇପ୍ କରିବେ ଯଥା ଅପ୍ରାନ୍ତ ଓଡ଼ିଆ / ଗୁଗୁଲ୍ ଓଡ଼ିଆ ଟ୍ରାନ୍‌ସ୍‌ଲିଟେରେସନ୍) କରି Microsoft Word Document ରେ ଆମ ନିକଟକୁ ପଠାନ୍ତୁ, କିମ୍ବା ଲେଖାକୁ ସ୍କାନ୍ କରି ଜେପିଇଜି ଫର୍ମାଟରେ ଇମେଲ୍ Attachment କରି ପଠାନ୍ତୁ । ଆମ ଇ-ମେଲ୍ ଠିକଣା ହେଲା - aahwaan@gmail.com

ଏହି ପତ୍ରିକା ଉନ୍ନତି ହେତୁ ଆପଣଙ୍କ ସହାୟତା ଆମର ଏକାନ୍ତ କାମ୍ୟ ।

ଧନ୍ୟବାଦ

## ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ପ୍ରତିଷ୍ଠାତା-ସମ୍ପାଦକ, 'ଆହ୍ୱାନ'

# ଜୟ ଓଡ଼ିଆ । ଜୟ ଓଡ଼ିଶା । ଜୟ ଜଗନ୍ନାଥ

ଯଦି ଏହି ସଂସ୍କରଣରେ କୌଣସି ତ୍ରୁଟିଥାଏ, ସେଥିପାଇଁ ସମ୍ପାଦକ କ୍ଷମାପ୍ରାର୍ଥୀ ।

http://www.appsgeyser.com/4368717




ଆହ୍ୱାନ ଇପତ୍ରିକା ଏବଂ ଆହ୍ୱାନ ଓଡ଼ିଆ ପରିବାରର ହ୍ୱାଟ୍‌ସଆପ୍ ଗ୍ରୁପର ସଦସ୍ୟ ହେବାପାଇଁ ଆମ ହ୍ୱାଟ୍‌ସଆପ୍ ନମ୍ବରକୁ ନିଜ ମୋବାଇଲରେ ସ୍ଥାପିତ (Save) କରନ୍ତୁ । ଏବଂ ଆମକୁ ସନ୍ଦେଶ (Message) ଦିଅନ୍ତୁ ।

ଆମ ହ୍ୱାଟ୍‌ସଆପ୍ ଗ୍ରୁପ୍‌ର ନମ୍ବର ହେଉଛି :

# 9040985463